ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.72 Bhubaneswar Saturday April 22 2023 | ୨୬ତମ ବର୍ଷ ସଂଖ୍ୟା-୭୨ ଭୁବନେଶ୍ୱର, ଶନିବାର, ଅପ୍ରେଲ ୨୨, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ବିଜେଡି ରଣନୀତି: ଭୋଟ୍ ଆଳରେ ନବ ହତ୍ୟା ତଦନ୍ତରେ ସବୁଦିନ ପାଇଁ ପଡିବ ପୂର୍ଣ୍ଣଚ୍ଛେଦ




ଝାରସୁଗୁଡା/ଭୁବନେଶ୍ୱର,୨୧।୪ (ପି.ଏନ) : ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକୁ ୩ମାସ ପୂରିବାକୁ ବସିଥିବାବେଳେ ଝାରସୁଗୁଡା ଉପନିର୍ବାଚନକୁ ଜିତିବା ପାଇଁ ଶାସକ ବିଜେଡି ନିଜର ପୂରା ଦମ୍ ଲଗାଇ ଦେଇଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଝାରସୁଗୁଡା ଉପନିର୍ବାଚନକୁ ଜିତି ବିଜେଡି ନାକେବଳ ନିଜର ପତିଆରା ଦେଖାଇବାକୁ ଚାହୁଁଛି ବରଂ ବୃହତ୍ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇ ନବ ଦାସ ହତ୍ୟା ତଦନ୍ତ ଉପରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପକାଇବାକୁ ରଣନୀତି ପ୍ରସ୍ତୁତ କରିଛି । ଯେଉଁଥିପାଇଁ ଦଳ ଏବେ ଝାରସୁଗୁଡା ଉପନିର୍ବାଚନ ପାଇଁ ୪ଟି ବ୍ଲକ୍ ଓ ଗୋଟିଏ ମ୍ୟୁନିସପାଲଟି ଅଂଚଳରେ ଏବେ ପ୍ରାୟ ୮୦ଜଣ ଆଗଧାଡିର ବିଧାୟକ, ନେତାଙ୍କୁ ମୁତୟନ କରିଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ହତ୍ୟାର ପ୍ରାୟ ୩ମାସ ପୁରିବାକୁ ବସିଥିଲେ ମଧ ତଦନ୍ତର ଅଗ୍ରଗତିକୁ ନେଇ ଉଭୟ ତଦନ୍ତକାରୀ ସଂସ୍ଥା (କ୍ରାଇମବ୍ରାଂଚ୍) ଓ ସରକାର ଚୁପ୍ ରହିଛନ୍ତି । ଏପରିକି ନବ ଦାସ ହତ୍ୟା ମାମଲାରେ ୬୦ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ବି ସକ୍ଷମ ହୋଇନାହିଁ । ହତ୍ୟା ପଛରେ ବ୍ୟବସାୟିକ ଓ ରାଜନୀତିକ ଷଡଯନ୍ତ୍ର ରହିଥିବା ନେଇ ପରିବାରଠୁ ଆରମ୍ଭ କରି ବିରୋଧୀ ଦଳ ପର୍ଯ୍ୟନ୍ତ ସମସ୍ତେ ଅଭିଯୋଗ କରୁଥିବାବେଳେ ବିଜେପି ଓ କଂଗ୍ରେସ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ଶାସକ ଦଳର ପ୍ରଭାବଶାଳୀ ୨ଜଣ ବିଧାୟକ ଓ ଜଣେ ସରକାରୀ ଅଫିସରଙ୍କ ନାଁ ନିଆଯାଇଛି । ନବ ଦାସଙ୍କୁ କେଉଁ କାରଣରୁ ପୁଲିସ ଏଏସଆଇ ଗୋପାଳ ଦାସ ହତ୍ୟା କଲା ତା'ର ପର୍ଦ୍ଦାଫାସ୍ ଏପର୍ଯ୍ୟନ୍ତ କ୍ରାଇମବ୍ରାଂଚ୍ କରିପାରିନି । ଏପରିକି ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦନ୍ତର ତଦାରଖ କରାଯାଉଥିବା ନେଇ ରାଜ୍ୟ ସରକାର ସଫେଇ ଦେବା ସହ ଦୋଷୀଙ୍କୁ ଛଡା ଯିବନି ବୋଲି କହିଥିଲେ ମଧ କ୍ରାଇମବ୍ରାଂଚ୍ ବାସ୍ତବରେ କାହିଁକି ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ କରୁନି ତାହା ସବୁଠୁ ବଡ ପ୍ରଶ୍ନ ହୋଇଛି ।

## ୪ ଦିବସୀୟ ହିମାଚଳ ଗସ୍ତ ସାରି ଦିଲ୍ଲୀ ଫେରିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଶିମଲା, ୨୧।୪(ପି.ଏନ): ୪ ଦିବସୀୟ ହିମାଚଳ ପ୍ରଦେଶ ଗସ୍ତ ସାରି ଶୁକ୍ରବାର ଶିମଲାରୁ ନୂଆଦିଲ୍ଲୀ ଫେରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଳ ଏବଂ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହଙ୍କ ଦ୍ୱାରା ଶିମଲାର କଲ୍ୟାଣୀ ହେଲିପ୍ୟାଡରେ ରାଷ୍ଟ୍ରପତିଙ୍କୁ ଗାରିମାପୂର୍ଣ୍ଣ ବିଦାୟ ଦିଆଯାଇଛି । ସକାଳ ପ୍ରାୟ ୧୦ଟା ସମୟରେ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଭେଟିଲେ ସୁନିଲ ଗାଭାସ୍କର

ଲକ୍ଷ୍ନୌ, ୨୧।୪(ପି.ଏନ): ପୂର୍ବତନ କ୍ରିକେଟର ସୁନିଲ ଗାଭାସ୍କର ଆଜି ଏଠାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଛନ୍ତି । ଆଜି ସକାଳେ ସାଇ ଟ୍ରଷ୍ଟ ମୁମ୍ବାଇର ପଦାଧିକାରୀ ଶ୍ରୀନିବାସଙ୍କ ସହିତ ଆସି ସେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ପହଂଚିଥିଲେ ।

## ଓଡିଆ ଯବାନ ସହିଦ ହେବା ଘଟଣାରେ ସାମିଲ ଥିଲେ ୭ ଆତଙ୍କୀ, ଧରିବାକୁ ବଡ ସର୍ଚ୍ଚଅପରେସନ



ନୂଆଦିଲ୍ଲୀ,୨୧।୪(ପି.ଏନ): ଜମ୍ମୁ-କଶ୍ମୀରର ପୁଞ୍ଚରେ ହୋଇଥିବା ଆତଙ୍କବାଦୀ ହମଲା ପରେ ବଡଧରଣର ସର୍ଚ୍ଚ ଅପରେସନ ଆରମ୍ଭ କରିଛି ଭାରତୀୟ ସେନା। ଡ୍ରୋନ ଠାରୁ ଆରମ୍ଭ କରି ସନ୍ଧାନୀ କୁକୁରଙ୍କ ଦ୍ୱାରା ଆତଙ୍କବାଦୀଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରାଯାଉଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ମଧ ହମଲା ହୋଇଥିବା ସ୍ଥାନରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ହେଲେ ଏଯାଏ ସୁରକ୍ଷାକର୍ମୀଙ୍କୁ ସଫଳତା ମିଳିନି। ଗୁରୁବାର ଅପରାହ୍ଣ ୩ଟାରେ ରାଷ୍ଟ୍ରୀୟ ରାଇଫଲ୍ସର ଯବାନମାନେ ଟ୍ରକ ଯୋଗେ ଭିମ୍ବେର ଗଳି ଅଞ୍ଚଳ ଅତିକ୍ରମ କରୁଥିଲେ। ଏତିକି ବେଳେ ଆତଙ୍କବାଦୀମାନେ ପ୍ରଥମେ ଗୁଳି ଓ ପରେ ଗ୍ରେନେଡ ମାଡ କରିଥିଲେ। ଫଳରେ ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା ।ନିଆଁରେ ପୋଡି ହୋଇ ୫ ଜଣ ଯବାନ ସହିଦ ହୋଇଥିଲେ। ଏମାନଙ୍କ ମଧ୍ୟରେ ଓଡିଶାର ବୀର ଯବାନ ଦେବାଶିଷ ବଶ୍ୱାଳ ମଧ ରହିଛନ୍ତି। ଅନ୍ୟ ୪ ସହିଦଙ୍କ ଘର ପଞ୍ଜାବରେ। ଦେବାଶିଷ ଭାରତୀୟ ସେନାର ରାଷ୍ଟ୍ରୀୟ ରାଇଫଲ୍ସରେ କାମ କରୁଥିଲେ। ସେ ତାଙ୍କ ସାଥୀ ଯବାନଙ୍କ ସହ ଆତଙ୍କୀ ନିରୋଧ ଅପରେସନ ପାଇଁ ଯାଇଥିବା ବେଳେ ଆତଙ୍କବାଦୀ ହମଲାରେ ଦେଶ ପାଇଁ ବଳିଦାନ ଦେଇଛନ୍ତି।

## ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ସିବିଆଇ ସମନ

ନୂଆଦିଲ୍ଲୀ,୨୧।୪(ପି.ଏନ): ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିଙ୍କୁ ସିବିଆଇ ସମନ କରିଛି। ଏପ୍ରିଲ ୨୮ ତାରିଖରେ ତାଙ୍କୁ ସିବିଆଇ ଜେରା କରିବାକୁ ଚାହୁଁଥିବା ସମନରେ ଉଲ୍ଲେଖ କରିଛି। ଶିଳ୍ପପତି ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗ ଘଟଣାରେ ସିବିଆଇ ଖୋଳତାଡ କରୁଛି। ଏହି ମାମଲାର ଜଣେ ସାକ୍ଷୀ ଭାବେ ସତ୍ୟପାଲ ମଲିକଙ୍କ ଠାରୁ ସିବିଆଇ ତଥ୍ୟ ହାସଲ କରିବାକୁ ଚାହୁଁଥିବାରୁ ତାଙ୍କୁ ସମନ କରିଛି।









## ଦକ୍ଷିଣ ଓଡିଶାକୁ କାଳବୈଶାଖୀ ସହ କୁଆପଥର ମାଡ ସମ୍ଭାବନା



ଭୁବନେଶ୍ୱର,୨୧।୪(ପି.ଏନ): ତାତିରେ ଲାଗିଲା ବ୍ରେକ୍। ଆଶ୍ୱସ୍ତ ଉପକୂଳରୁ ଉପାନ୍ତ। ଗତକାଲି ସାରା ରାଜ୍ୟରେ ଅଗ୍ନିବର୍ଷା ହୋଇଥିବା ବେଳେ ଆଜି ସକାଳୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକା ବର୍ଷା ଏବଂ ଥଣ୍ଡା ପବନ ଯୋଗୁ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଛି। ଏପରିକି ରାଜଧାନୀ ଭୁବନେଶ୍ୱରରେ ଗତକାଲି ତୁଳନାରେ ପାରଦ ପାଖାପାଖି ୭ ଡିଗ୍ରୀ ଖସିଛି। ଆଜି ରାଜ୍ୟରେ କେଉଁଠି ବି ତାପମାତ୍ରା ୪୦ ଉପରକୁ ଯାଇନାହିଁ। ୧୦ ଦିନର ଗ୍ରୀଷ୍ମ ପ୍ରବାହ ପରେ ରାଜ୍ୟବାସୀ ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିବା ବେଳେ ପାଣିପାଗ ବିଭାଗ କହିଛି ୨୬ ତାରିଖ ଯାଏଁ ତାତିରୁ ମିଳିବ ଆଶ୍ୱସ୍ତି। ବିଶେଷ କରି ଦକ୍ଷିଣ ଓଡିଶାରେ ଆସନ୍ତାକାଲି କାଳବୈଶାଖୀ ବର୍ଷା ସହ କୁଆପଥର ମାଡ ସାଙ୍ଗକୁ ୪୦ ରୁ ୫୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି ।ଆଜି ନୂଆପଡାରେ ସର୍ବାଧିକ ୩୯.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡାରେ ୩୮.୬, ପାରଳାଖେମୁଣ୍ଡିରେ ୩୭.୭, ସୁନ୍ଦରଗଡରେ ୩୭.୫, ବାରିପଦାରେ ୩୭.୪, ଯାଜପୁରରେ ୩୭, ଛତ୍ରପୁରରେ ୩୭, ମାଲକାନଗିରିରେ ୩୬.୯, ବାଲେଶ୍ୱରରେ ୩୬.୭, ରାଉରକେଲାରେ ୩୬.୪, ଗୋପାଳପୁରରେ ୩୬.୨, ଭୁବନେଶ୍ୱରରେ ୩୬.୧, ରାୟଗଡାରେ ୩୬, ପୁରୀ ୩୫.୬, କୋରାପୁଟରେ ୩୫.୧, ଦେବଗଡରେ ୩୫, ଜଗତସିଂହପୁରରେ ୩୪.୮, ତାଳଚେରରେ ୩୪.୬, ପାରାଦୀପରେ ୩୪.୬, କେନ୍ଦ୍ରାପଡାରେ ୩୪.୪, ଭଦ୍ରକରେ ୩୪.୪, ଅନୁଗୋଳରେ ୩୪.୧, କଟକରେ ୩୪, ଚାନ୍ଦବାଲିରେ ୩୪, ସମ୍ବଲପୁରରେ ୩୩.୯, ଭବାନୀପାଟଣାରେ ୩୩.୫, ଢେଙ୍କାନାଳରେ ୩୩, ଖୋର୍ଦ୍ଧାରେ ୩୩, ହୀରାକୁଦରେ ୩୨.୬, ଫୁଲବାଣୀରେ ୩୨.୬, ନବରଙ୍ଗପୁରରେ ୩୨.୨, ନୟାଗଡରେ ୩୨, ବରଗଡରେ ୩୨, ଦାରିଙ୍ଗବାଡିରେ ୩୧.୫, କେନ୍ଦୁଝରରେ ୩୧, ସୋନପୁରରେ ୩୦.୭, ଟିଟିଲାଗଡରେ ୩୦ ଓ ବଲାଙ୍ଗିରରେ ୨୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।









# ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି ।ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।






# ସାମ୍ୟବାଦର ପ୍ରତିଷ୍ଠାତା ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକ

••••••••••ଉମାଶଙ୍କର ପ୍ରସାଦ••••••••••

ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମୀ ଭାବରେ ପ୍ରାଣନାଥ ନିଜକୁ ପ୍ରତିଷ୍ଠିତ କରିଥିଲେ। ପ୍ରାଣନାଥ ରେଭେନ୍ସା କଲେଜରେ ବିଜ୍ଞାନର ସ୍ନାତକ ଶ୍ରେଣୀରେ ସେ ପଢୁଥାଆନ୍ତି। ସ୍ୱାଧୀନତା ସଂଗ୍ରାମରେ ସତ୍ୟାଗ୍ରହୀଟିଏ ହେବା ପାଇଁ ଆହ୍ୱାନ ଆସିଲା - ଶପଥ ଓ ସଂକଳ୍ପ ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ପଡ଼ିବ। ସନ୍ୟାସୀର ଗେରୁଆ ବସ୍ତ୍ର ପିନ୍ଧି ଏଥିପାଇଁ ଶପଥ ନେଇଥିଲେ। ପାଠ ଛାଡ଼ି ଦେଲେ, ପାଠରେ ଡୋରି ବାନ୍ଧିଦେଲେ। ପଛକୁ ଫେରିବାର ସମୟ ନାହିଁ। ତାଙ୍କ ଜୀବନତ ମାତ୍ର ୬୫ ବର୍ଷରେ ସୀମିତ। ସେଥିରୁ ବିଭିନ୍ନ ପର୍ଯ୍ୟାୟରେ ୧୩ ବର୍ଷ ଜେଲ୍‌ର ଘରିକାନ୍ଥ ଭିତରେ। ଅନେକ କାରଣ ପାଇଁ ବନ୍ଦୀ ହୋଇଛନ୍ତି। ଦେଶ ପାଇଁ ମେହନତି ମଣିଷର ସ୍ୱାର୍ଥ ପାଇଁ ବନ୍ଦୀ ହୋଇ ରହିଲେ କ୍ଷତି କ'ଣ? ନିଜ ଧର୍ମପତ୍ନୀ ଆଉ ପୁଅମାନେ ତାଙ୍କ ଅନୁପସ୍ଥିତିରେ ଅସହାୟ ହୋଇପଡ଼ିଛନ୍ତି। ସ୍ୱାମୀ ତଥା ବାପା ତଥା ପରିବାରରେ ମୁଖ୍ୟଙ୍କ ସ୍ନେହରୁ ସବୁ ସମୟରେ ବଂଚିତ ହୋଇଛନ୍ତି। ପୁଅ ଆମେରିକା ଯିବ! ଆଣବିକ କାର୍ଯ୍ୟକ୍ରମରେ ଯୋଗ ଦେଇ ଗବେଷଣା କରିବ। ଯିବା ପୂର୍ବରୁ ବାପାଙ୍କ ପାଦ ଛୁଇଁ ପ୍ରଣାମ କରିଯିବ। ବାପାଙ୍କୁ ଖୋଜି ଖୋଜି ପାଇଲା ନାହିଁ । କୃଷକମାନଙ୍କର ସ୍ୱାଧୀକାରକୁ ସାବ୍ୟସ୍ତ କରିବା ପାଇଁ ପାଦରେ ଚାଲି ଚାଲି ଗାଁକୁ ଗାଁ ବୁଲୁଛନ୍ତି। ଶେଷକୁ ବାପାଙ୍କ ସହିତ ଦେଖାହେଲା ଖୋର୍ଦ୍ଧାର ନିପଟ ମଫସଲ ଅଂଚଳର ଏକ ଗାଁ - ଗାଁ ଲୋକଙ୍କର ବାରଣ୍ଡାରେ ବସି ଚେପା ହୋଇଯାଇଥିବା ଥାଳିରେ ବଗଡ଼ା ଭାତ ଖାଉଛନ୍ତି! ପୁଅମାନେ କାନ୍ଦି ପକାଇଲେ । ସେଇ ଶପଥ ଶେଷ ପର୍ଯ୍ୟନ୍ତ ଏପରି ଜୀବନକୁ ଆଦରି ନେଇଛନ୍ତି । ସେଥିରୁ ବିଚ୍ୟୁତ ହେବେ ନାହିଁ । କେବେ ବି ଜୀବନରେ ସୁଖର ସ୍ୱାଦ ଅନୁଭବ କରିବାର ସୁଯୋଗ ନେଇନାହାନ୍ତି। ସଂଗ୍ରାମୀର ଜୀବନ - ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ବିତାଇବା ପାଇଁ ସୁଯୋଗ କାହିଁ? ବିଜ୍ଞାନର ସ୍ନାତକ ସିନା ହୋଇପାରିଲେ ନାହିଁ। କିନ୍ତୁ ପ୍ରଖ୍ୟାତ କାଶୀ ବିଦ୍ୟାପୀଠର ପ୍ରତିଷ୍ଠାତା ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କର ଛାତ୍ର । ଆମ ଦେଶର ପ୍ରିୟ ପ୍ରଧାନମନ୍ତ୍ରୀ ହୋଇଥିବା ଲାଲ ବାହାଦୂରଙ୍କ ସହପାଠୀ ଜବାହାରଲାଲଙ୍କ ସମୟରେ



ତାଙ୍କର ଶ୍ରେଣୀରେ ପାଠ ପଢ଼ାଇଛନ୍ତି। ଜୀବନ ପାଇଁ ଅନେକ ଅଭିଜ୍ଞତା ଅର୍ଜନ କରି ଶାସ୍ତ୍ରୀ (ସ୍ନାତକ) ହୋଇ ଲେଉଟି ଆସିଛନ୍ତି। ସମାଜକୁ ସ୍ୱାଧୀନତା ସମାଜବାଦ ଓ ସାମ୍ୟବାଦର ସ୍ୱାଦର ଅନୁଭବ ଦେବା ପାଇଁ । ଏଥିପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଛନ୍ତି । ସ୍ୱର୍ଗତ ଲାଲବାହାଦୂର ପ୍ରଧାନମନ୍ତ୍ରୀ ହେଲା ପରେ ନୂଆଦିଲ୍ଲୀକୁ ଡକାଇଛନ୍ତି । ଦେଶର ନୀତି ସମ୍ବନ୍ଧରେ ହାର୍ଦ୍ଦିକ ଆଲୋଚନା ପାଇଁ । ନିମନ୍ତ୍ରଣ ଜଣାଇଛନ୍ତି । ଜବାହାରଲାଲ ଓଡ଼ିଶା ଗସ୍ତ କରିବା ସମୟରେ ଅତି ଆନ୍ତରିକତାର ସହିତ ପ୍ରାଣନାଥଙ୍କୁ ଡାକି ତାଙ୍କ ପାଖକୁ ଆସିବା ନିବେଦନ ଜଣାଇଛନ୍ତି। ଖୋର୍ଦ୍ଧା କଲେଜ ପ୍ରତିଷ୍ଠା ହେବା ସମୟରେ ନିଜେ ବ୍ୟକ୍ତିଗତ ଭାବରେ ଚିଠି ଲେଖି କଲେଜ ପାଇଁ ଓ ତାଙ୍କ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

ଖୋର୍ଦ୍ଧା କଲେଜ ତଥା ବର୍ତ୍ତମାନ ପ୍ରାଣନାଥ କଲେଜର କେବଳ ପ୍ରତିଷ୍ଠାତା ନଥିଲେ ବରଂ କଲେଜରେ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କ ବାପା, ମା', ଆଉ ଅଭିଭାବକ ହୋଇଥିଲେ। ପ୍ରତିଦିନ ସେମାନଙ୍କର ସୁଖଦୁଃଖ ଆସି ବୁଝୁଥିଲେ। ଛାତ୍ରଛାତ୍ରୀଙ୍କ ସବୁ କାର୍ଯ୍ୟକ୍ରମରେ ସେ ଅଗ୍ରଣୀ ଭୂମିକା ନେଉଥିଲେ । ଖେଳ ପଡ଼ିଆ ଉପଯୋଗୀ ହୋଇନାହିଁ । ଗୋଡ଼ି ଉଠାଯିବ, ମାଟି ପଡ଼ିବ ଓ ଘାସ ଲାଗିବ-୬୦ ଦଶକରେ କଲେଜ ପାଣ୍ଠିରୁ ୪ ହଜାର ଟଙ୍କା ମଞ୍ଜୁର କରିଥିଲେ। କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ର-ଛାତ୍ରୀଙ୍କର ଗୁଣାତ୍ମକ ବିକାଶ ପାଇଁ ବ୍ୟାକୁଳତା ପ୍ରକାଶ କରିଥିଲେ ।

ସ୍ୱରାଜ ପାଇଁ ଲଢ଼େଇ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ପୂରାପୂରି ଝାସ ଦେଇଥିଲେ। କଂଗ୍ରେସ ଦଳ ପକ୍ଷରୁ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। କଂଗ୍ରେସ ଦଳରୁ ଇସ୍ତଫା ଦେଇ ପାରଳା ମହାରାଜାଙ୍କ ମନ୍ତ୍ରୀମଣ୍ଡଳରେ ଯୋଗଦେବା ପାଇଁ ରୋକଠୋକ୍ ମନା କରିଦେଇଥିଲେ। କଂଗ୍ରେସ ଦଳ ଭିତରେ ରହି କଂଗ୍ରେସ ସମାଜବାଦ



ସଂଗଠନର ଦାୟିତ୍ୱ ନେଇଥିଲେ। ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀ ଆଉ ସ୍ୱର୍ଗତଃ ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରଭୃତି ତାଙ୍କର ସହକର୍ମୀ ଥିଲେ। ସେହି ପ୍ରାଣନାଥ ପୁଣି ମାର୍କ୍ସବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ। ସାମ୍ୟବାଦ ପ୍ରତିଷ୍ଠାର ସ୍ୱପ୍ନ ତାଙ୍କୁ ବିଭୋର କଲା-ରାଜ୍ୟରେ ସାମ୍ୟବାଦ ଦଳ ପ୍ରତିଷ୍ଠାର ଅନ୍ୟତମ ବିନ୍ଧାଣୀ ହେଲେ। ସ୍ୱର୍ଗତଃ ଭଗବତୀ ଚରଣ ପାଣିଗ୍ରାହୀ ଓ ସ୍ୱର୍ଗତଃ ଗୁରୁଚରଣ ପଟ୍ଟନାୟକଙ୍କର ସହଯୋଗୀ ହେଲେ । ସାମ୍ୟବାଦୀ ଦଳର ପ୍ରତିଷ୍ଠାତା ଭାବରେ ଇତିହାସ ସୃଷ୍ଟି କଲେ। ଗାନ୍ଧୀବାଦୀ ଲୋକଟିଏ ହୋଇ ସାମ୍ୟବାଦୀ ହେଲେ। ଗାନ୍ଧିଜୀ ସାମ୍ୟବାଦକୁ ପୂରାପୂରି ଗ୍ରହଣ କରି ନ ଥିଲେ ମଧ୍ୟ ସମାଜବାଦୀ ଥିଲେ। ପ୍ରାଣନାଥ ଏ ଦ୍ୱନ୍ଦ୍ୱରୁ ନିଜକୁ ଦୂରେଇ ରଖିଲେ । ଜାତି, ଦେଶ ଓ ସମାଜର ସ୍ୱାର୍ଥ ରକ୍ଷାକରି ସେ ତ' ସାମ୍ୟବାଦୀ ହୋଇପାରିବେ। ଗଣତନ୍ତ୍ର ଉପରେ ଭରସା ରଖି ନିର୍ବାଚନ ଲଢ଼ିପାରିବେ। ବିଧାନସଭାକୁ ନିର୍ବାଚିତ ହୋଇଥିବା ନଅଜଣ କମ୍ୟୁନିଷ୍ଟଙ୍କର ନେତୃତ୍ୱ ନେଇଥିଲେ। ତାଙ୍କ ପରେ ଏତେସଂଖ୍ୟକ ସ୍ଥାନ ଓଡ଼ିଶା ବିଧାନସଭାରେ କମ୍ୟୁନିଷ୍ଟମାନେ କେବେହେଲେ ଦଖଲ କରିପାରିନାହାନ୍ତି।

ପ୍ରଜାମଣ୍ଡଳ ଆନ୍ଦୋଳନ ପାଇଁ ନିଜକୁ ଏପରି ସମର୍ପିତ କରିଥିଲେ, ତାହା ଅନନ୍ୟ ଥିଲା। ରାଜ୍ୟରେ ଦେଶୀୟ ରାଜ୍ୟମାନଙ୍କରେ ଓଡ଼ିଶାର ଲୋକମାନେ କ'ଣ ସେମାନଙ୍କର ସ୍ୱାଧୀନତାକୁ ସାବ୍ୟସ୍ତ କରିପାରିବେ ନାହିଁ! ସବୁ ଗଡ଼ଜାତ ଅଂଚଳରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସେହି ସମୟର କଥା, ରଣପୁରରେ ଇଂରେଜ ସରକାରଙ୍କ ପଲିଟିକାଲ୍ ଏଜେଂଟ୍ ବେଜେଲ୍ ଗେଟ୍‌ଙ୍କର ହତ୍ୟା ସଂଗଠିତ ହେଲା। ଇଂରେଜ ଶାସନ ଏହାକୁ ସହ୍ୟ କରିପାରିଲା ନାହିଁ। ସମଗ୍ର ରଣପୁରର ଅଧିବାସୀଙ୍କୁ ନିର୍ଯାତିତ କଲା- କେହି ତାଙ୍କର ସ୍ୱର ଉତ୍ତୋଳନ କରିପାରିଲେ ନାହିଁ। ଗାଁ ଗାଁରେ ତାଟି କବାଟ ପଡ଼ିଗଲା। ସମସ୍ତେ ଅସହାୟ ହୋଇଗଲେ। ସ୍ୱର୍ଗତଃ ଡ. ହରେକୃଷ୍ଣ ମହତାବଙ୍କର ଉପଦେଶ ଓ ନିର୍ଦ୍ଦେଶରେ ପ୍ରାଣନାଥ ରଣପୁର ଯାଇ ଗାଁ ଗାଁ ବୁଲି ରଣପୁର ଅଧିବାସୀଙ୍କ ମନରେ ସାହସ ଓ ଦମ୍ଭ ସଂଚରିତ କଲେ। ଏସବୁ ସହଜ କଥା ନଥିଲା। ସେ ସମୟର ଏଥିନେଇ କାହାଣୀ ସହିତ ନିଜକୁ ପରିଚିତ କଲେ ନିଜ ମନଭିତରେ ଶିହରଣ ଖେଳିଯାଏ । ପ୍ରାଣନାଥ ଏହି ଶିହରଣର କେନ୍ଦ୍ରବିନ୍ଦୁ ଥିଲେ। ଦୁର୍ଦ୍ଦାନ୍ତ ବିଦେଶୀ ସରକାରଙ୍କ ବିରୋଧରେ ସଂଗ୍ରାମ କରୁଥିଲେ। ରଘୁ ଆଉ ଦିବାକର ଫାଶୀ ପାଇଲେ କିନ୍ତୁ ସେମାନଙ୍କୁ କିପରି ରକ୍ଷାକରାଯାଇ ପାରିବ, ସେଥିପାଇଁ ପ୍ରାଣନାଥ ସାହସ ବାନ୍ଧିଥିଲେ ।

ପ୍ରତ୍ୟେକ ବର୍ଷ ତାଙ୍କ ଜୟନ୍ତୀ ଓ ପୁଣ୍ୟତିଥି ତାଙ୍କ ହାତତିଆରି ମଣିଷଗଢ଼ା କାରଖାନା ପ୍ରାଣନାଥ ମହାବିଦ୍ୟାଳୟରେ ତାଙ୍କର କୀର୍ତ୍ତି ଓ ଅବଦାନକୁ ନେଇ ବର୍ଣ୍ଣାଢ଼୍ୟ ସମାରୋହ ଅବସରରେ ଅନେକ ଆଲୋଚନାଚକ୍ର ହେବା ସହ ରାଜ୍ୟର ବିଭିନ୍ନ କୃତବିଦ୍ୟମାନଙ୍କୁ ପ୍ରାଣନାଥ ସମ୍ମାନରେ ସମ୍ମାନିତ କରାଯାଇଥାଏ। କହି ବସିଲେ ତାଙ୍କ ବିଷୟରେ ଅନେକ କଥା ଏବେ ମଧ୍ୟ ଅକୁହା ହୋଇ ରହିଯାଇଛି । ସେହି ଯୁଗପୁରୁଷ ପ୍ରାଣନାଥଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଏ ଲେଖକର ଭକ୍ତିପୂତ ଶ୍ରଦ୍ଧା ସୁମନ! ...କିମଧିକମ୍

*-ସ୍ତମ୍ଭକାର ତଥା ସାମ୍ବାଦିକ, ଖୋର୍ଦ୍ଧା,*
*ମୋ: ୮୮୯୫୫୪୭୪୯୦*

# ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୨ ପାଳିତ

ଭୁବନେଶ୍ୱର (ପିଏନ୍)-ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ପର୍ଯ୍ୟଟନ ବିଭାଗ ଦ୍ୱାରା ଓଡ଼ିଶା ବାୟ ରୋଡ୍ (Odisha By Road) କ୍ୟାମ୍ପେନ୍‌କୁ ଦୃଷ୍ଟିରେ ରଖି କଳିଙ୍ଗ ରାଇଡର୍ସଙ୍କ ଦ୍ୱାରା ସକାଳେ ଇନ୍‌ଫୋସିଟି ଛକଠାରୁ ଧଉଳୀ ପର୍ଯ୍ୟନ୍ତ ଏକ ସୁପର ବାଇକ୍ ରାଲି (Super Bike Rally)ର ଆୟୋଜନ କରାଯାଇଥିଲା। ଏଥିସହିତ Utkal Galleria



Mallଠାରେ ହସ୍ତତନ୍ତର ପ୍ରଦର୍ଶନୀ ଏବଂ Esplanade Mallଠାରେ ହସ୍ତଶିଳ୍ପର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ପ୍ରଦର୍ଶିତ ହେବ।

ପର୍ଯ୍ୟଟନ ବିଭାଗ ତରଫରୁ ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଭ କଳା ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଯଥା: ମାନ୍ୟବର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର; ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀଯୁକ୍ତ ସଚିନ ରାମଚନ୍ଦ୍ର ଯାଦବ; ଆଞ୍ଚଳିକ ପାଶପୋର୍ଟ ଅଧିକାରୀ ଶ୍ରୀଯୁକ୍ତ ସୁଧାଂଶୁଶେଖର ମିଶ୍ର; ବିଜୁ




ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରସନ୍ନ ପ୍ରଧାନ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଉପସ୍ଥିତ ଅତିଥିମାନେ ଓଡ଼ିଶା ପର୍ଯ୍ୟଟନର ଉନ୍ନତି ହେବା ସହିତ ଓଡ଼ିଶାକୁ ପର୍ଯ୍ୟଟକମାନଙ୍କର ଅଧିକରୁ ଅଧିକ ଆଗମନ ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ସିଂ ଲାଗୁରୀ ଉକ୍ତ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦର ଅଧିକାରୀମାନଙ୍କ ଦ୍ୱାରା ପରିବେଶିତ ହୋଇଥିଲା ନାଟକ 'ମଣିଷ ଗଛର ଛାଇ'। ଭଙ୍ଗାଗଢା ଦୁନିଆଁର ଗତି ବଡ଼ ବିଚିତ୍ର। ଆଜିର ସମାଜରେ ନିଜର ସ୍ୱାର୍ଥ, ଅହଙ୍କାର ଆଉ ଅର୍ଥର ଲାଳସା ପାଇଁ କେତେ ଯେ ସୁନାର ସଂସାର ଭାଙ୍ଗିରୁଜି ଚୁରମାର ହୋଇଯାଏ ତା'ର ହିସାବ ନାହିଁ, ତାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା 'ମଣିଷ ଗଛର ଛାଇ' ନାଟକରେ। ମଣିଷ ଗଛଟିଏ ଲଗାଏ ନିଜ ପାଇଁ ନୁହେଁ ଅନେକ ପଥଚାରୀଙ୍କ ଆଶ୍ରୟ ନିମନ୍ତେ। ଠିକ୍ ସେମିତି ଜଣେ ମଣିଷ ନିଃସନ୍ତାନ ଜୀବନ ବିତାଉଥିବା ବେଳେ ନିଜର ବଂଶ ରକ୍ଷାପାଇଁ ଆପଣେଇ ନେଇଛନ୍ତି ଗୋଟିଏ ଅନାଥ ଶିଶୁକୁ। ସମୟଚକ୍ରରେ ଚକା ବଦଳିଯାଏ ଏବଂ ନିଃସନ୍ତାନ ଥିବା ସେହି ମଣିଷର ପରିବାରକୁ ଆସନ୍ତି ଦୁଇଟି ଯାଆଁଳା ସନ୍ତାନ। ସେଇ ଯାଆଁଳା ପିଲା ଦୁଇଜଣ ଅର୍ଥ ଓ ପ୍ରେମ ପାଇଁ ଚାଲିଯାଆନ୍ତି ଏକ ଅମଡ଼ା ବାଟରେ। କିନ୍ତୁ ସେହି ଅନାଥ ଶିଶୁଟି ସେହି ପରିବାରକୁ ଆପଣାଇ ପରିବର୍ତ୍ତନ କରିଛି ସମସ୍ତଙ୍କୁ। ଶେଷରେ ସମସ୍ତେ ନିଜ ନିଜ ଭୁଲ ବୁଝିପାରି ଫେରିଛନ୍ତି ହସଖୁସିର ସେହି ପରିବାରକୁ, କିନ୍ତୁ ହରାଇଛନ୍ତି ସେହି ମଣିଷକୁ। ନାଟକଟିର ନାଟ୍ୟକାର ଥିଲେ ସୁଶିଲ କୁମାର ରଥ, ନାଟକଟିର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ଅନନ୍ତ କିଶୋର ସାହୁ, ସହକାରୀ ନିର୍ଦ୍ଦେଶକ ଥିଲେ ରାଜକିଶୋର ନାୟକ ଓ ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ। ନାଟକରେ ଅଭିନୟ କରିଥିବା କଳାକାରମାନେ ହେଲେ-ତପନ କୁମାର ନାୟକ, ବିଷ୍ଣୁ ପ୍ରସାଦ ସିଂହ, ପ୍ରଶାନ୍ତ କୁମାର ନାୟକ, କେଦାରନାଥ ଦାସ, ଅମିୟ କୁମାର ପରିଡ଼ା, ପ୍ରସନ୍ନ କୁମାର ସ୍ୱାଇଁ, ଲଗେନ୍ଦ୍ର ନାଥ ଟୁଡୁ, ବିଜୟ କୁମାର ବେହେରା, ସୁଶାନ୍ତ କୁମାର ପାଣିଗ୍ରାହୀ, ଗୁରୁଚରଣ ମୁଣ୍ଡା, ବିଜୟ କୁମାର ମାଝୀ, ଜଗବନ୍ଧୁ ସାହୁ, ତ୍ରିନାଥ କୁମାର ମହାନ୍ତି, କାବେରୀ, ମନି, ଗୁଡ଼ି, ପ୍ରିୟା ଓ ନିରଂଜନ।

# ଜନବିରୋଧୀ ଅର୍ଥନୀତି ଓ ବିଭାଜନକାରୀ ରାଜନୀତିକୁ ପରାସ୍ତ କର !

ଭୁବନେଶ୍ୱର (ପିଏନ୍): ମୋଦି ସରକାରର ଜନବିରୋଧୀ ଅର୍ଥନୀତି ଏବଂ ବିଭାଜନକାରୀ ରାଜନୀତିକୁ ପରାସ୍ତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ମାର୍ଗଠାରେ ଆୟୋଜିତ ଜନସମାବେଶରେ ସି.ପି.ଆଇ.(ଏମ୍) ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି। ସି.ପି.ଆଇ.(ଏମ୍)ର ପଲିଟବ୍ୟୁରୋ ସଦସ୍ୟ ତଥା ପଶ୍ଚିମବଙ୍ଗ ସରକାରର ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ଆର୍.ଏସ୍.ଏସ୍. ନେତୃତ୍ୱାଧୀନ ବିଜେପି ସରକାରକୁ ଜନମାନସରୁ ବିଚ୍ଛିନ୍ନ କରିବା ଏବଂ ପରାସ୍ତ କରିବା ଦେଶବାସୀଙ୍କ ସମ୍ମୁଖରେ ମୁଖ୍ୟ ଆହ୍ୱାନ । ସ୍ୱାଧୀନତା ସଂଗ୍ରାମରେ ଆଦୌ ଅଂଶଗ୍ରହଣ କରି ନଥିବା ଏହି ସାଂପ୍ରଦାୟିକ ଅଶୁଭ ଶକ୍ତି, ସ୍ୱାଧୀନତାର ୭୫ ବାର୍ଷିକୀ ପୂର୍ତ୍ତିବେଳେ ଦେଶରେ ଶାସନ କରିବା ଏକ ଦୁର୍ଭାଗ୍ୟଜନକ ସ୍ଥିତି ବୋଲି ସେ କହିଥିଲେ। ବିଜେପିର ଶାସନରେ ଲଗାମହୀନ ଦରବୃଦ୍ଧି, ଭୟଙ୍କର ବେକାରୀ, ଜାତୀୟ ସମ୍ପଦ ବିକ୍ରୀ, ଚାଷୀ ଫସଲର ଅଭାବୀ ବିକ୍ରି ଏବଂ ଶ୍ରମଜୀବୀ ଜନଗଣଙ୍କ ଉପରେ ନିର୍ମମ ଶୋଷଣ ଇତ୍ୟାଦି ତୀବ୍ରତର ହୋଇଛି । ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ହୋଇ ଏକ ଡଲାରର ବିନିମୟ ମୂଲ୍ୟ ୮୦ ଟଙ୍କାରେ ପରିଣତ ହୋଇଛି। କୃଷି ବ୍ୟବସ୍ଥା ଭୁଷୁଡି ପଡିଛି । କୋଟି କୋଟି ଚାଷୀ ଚାଷ ଛାଡୁଛନ୍ତି । କୋଟି କୋଟି ଶ୍ରମିକ ରୋଜଗାର ହରାଉଛନ୍ତି। ମୋଦି ସରକାର ଏହିସବୁ ସମସ୍ୟାକୁ ସମାଧାନ କରିବାରେ ବ୍ୟର୍ଥ ହେବା ସହିତ କ୍ଷମତାରେ ରହିବା ପାଇଁ ସାମ୍ପ୍ରଦାୟିକ ବିଭାଜନ ପରି ବିଷାକ୍ତ ରାଜନୀତି କରୁଛନ୍ତି। ଦେଶର ସମ୍ବିଧାନ, ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ଜୀବନଜୀବିକାର ଅଧିକାର ପାଇଁ ଚାଲିଥିବା ଲଢେଇରେ ବାମପନ୍ଥୀମାନେ ଆଗ ଧାଡିରେ ଅଛନ୍ତି । ଲଢେଇର ଏହି ସନ୍ଧିକ୍ଷଣରେ ଓଡିଶାର ବିଜୁ ଜନତାଦଳ ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିବା ଦରକାର ବୋଲି ସେ କହିଛନ୍ତି। ବିଜେପିର ସମସ୍ତ ଜନବିରୋଧୀ ନୀତିକୁ ନବୀନବାବୁଙ୍କ ସରକାର ସମର୍ଥନ ଦେଇ ଚାଲିବେ, ନା ବିଜୁବାବୁଙ୍କ ଧର୍ମନିରପେକ୍ଷ ବିଚାରକୁ ଆଗେଇନେବା ପାଇଁ ସାରା ଦେଶରେ ଆରମ୍ଭ ହୋଇଥିବା ବିଜେପି ବିରୋଧୀ ଲଢେଇରେ ବିଜେଡି ସାମିଲ ହେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ।

ସି.ପି.ଆଇ.(ଏମ୍) ଏବଂ ବାମପନ୍ଥୀମାନେ ବିଜେପି ସରକାରର ଜନବିରୋଧୀ ନୀତି ଏବଂ ବିଭାଜନକାରୀ ରାଜନୀତି ବିରୁଦ୍ଧରେ ଚଳାଇ ରଖିଥିବା ଏହି ଅଭିଯାନରେ ସମସ୍ତ ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଶକ୍ତିମାନେ ସାମିଲ ହେବାକୁ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଆହ୍ୱାନ କରିଥିଲେ ।

ସି.ପି.ଆଇ.(ଏମ୍)ର ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ମୋଦି ସରକାରର ସର୍ବନାଶକାରୀ ନୀତି ବିରୋଧରେ ଜୀବନଜୀବିକାର ଅଧିକାର ପାଇଁ ସଂଘର୍ଷକୁ ଆଗେଇ ନେବା ପାଇଁ ସେ ଆହ୍ୱାନ କରିଥିଲେ । ଶ୍ରମିକର ଦୈନିକ ମଜୁରୀ ୭୦୦ ଟଙ୍କା, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ଭାଗଚାଷୀଙ୍କ ଅଧିକାର ପାଇଁ ଆଇନ ପ୍ରଣୟନ, ଧାନ କୁଇଣ୍ଟାଲ ୩୦୦୦ ଟଙ୍କା ଧାର୍ଯ୍ୟ କରିବା, ମନରେଗା ଯୋଜନାରେ ୨୦୦ ଦିନର କାମ, ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଭୂମିହୀନଙ୍କୁ ଜମି, ଜମିର କର୍ପୋରେଟ୍ ଲୁଣ୍ଠନ ବନ୍ଦ, ବେକାରୀଙ୍କୁ ନିଯୁକ୍ତି, ଦଳିତଙ୍କୁ ସାମାଜିକ ନ୍ୟାୟ ଏବଂ ମହିଳାଙ୍କ ନିରାପତ୍ତା ଇତ୍ୟାଦି ସମସ୍ତ ଜ୍ୱଳନ୍ତ ପ୍ରସଙ୍ଗ ଉପରେ ଆଗାମୀ ଚାରିମାସ ବ୍ୟାପୀ ପ୍ରଚାର ଅଭିଯାନ ଜାରି ରହିବ ବୋଲି ସେ ଘୋଷଣା କରିଥିଲେ ।

ଏହି ସଭାରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ, ବିଷ୍ଣୁ ମହାନ୍ତି, ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ, ଶିଶିର ହୁଇ, ଆଦିବାସୀ ନେତା ସାଲ ମାର୍ଣ୍ଡି ପ୍ରମୁଖ ବକ୍ତବ୍ୟ ରଖିବା ସହିତ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ ଦାସ, ସନ୍ତୋଷ ଦାସ, ଜମେଶ୍ୱର ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସି.ପି.ଆଇ.(ଏମ୍) ସୁନ୍ଦରଗଡ ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ବିମାନ ମାଇତି, ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଗଞ୍ଜାମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, କଟକ ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ପୁରୀ ଜିଲ୍ଲା ସମ୍ପାଦକ ଜଗନ୍ନାଥ ଦେଓ, ନୟାଗଡ ଜିଲ୍ଲା ସମ୍ପାଦକ ଶରତ ବେହେରା, ଗଜପତି ଜିଲ୍ଲା ସମ୍ପାଦକ ଦଣ୍ଡପାଣି ରଇତ, ମାଲକାନାଗିରି ଜିଲ୍ଲା ସମ୍ପାଦକ ବ୍ରଜ ମାଝି, ଜଗତସିଂହପୁର ଜିଲ୍ଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, କେନ୍ଦ୍ରାପଡା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଭଦ୍ରକ ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ଚନ୍ଦ୍ରଶେଖର ନାୟକ ପ୍ରମୁଖ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ।

## ପଥର ଖଣିରୁ ଜେସିବି ଜବତ, ଚାଳକ ଗିରଫ

ଖୋର୍ଦ୍ଧା (ପିଏନ୍)- ବେଗୁନିଆ ଥାନା ଅନ୍ତର୍ଗତ ବାଲିବେରେଣୀ ନିକଟ ପଥର ଖଣିରୁ ପୁଲିସ ଏକ ଜେସିବି ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଗୁନିଆ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ଅନୁଯାୟୀ ବାଲିବେରେଣୀ ନିକଟରେ ଥିବା ଏକ ପଥର ଖଣିରୁ ଜେସିବି ସାହାଯ୍ୟରେ ପଥର ଖନନ କାର୍ଯ୍ୟ କରୁଥିବା ସମୟରେ ପୁଲିସ ଖବର ପାଇ ଘଟଣା ସ୍ଥଳରୁ ଜେସିବି ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚାଳକଙ୍କ ନାମ ସୁକାନ୍ତ ରଣସିଂହ ହୋଇଥିବା ବେଳେ, ତାଙ୍କର ଘର କୁଂଜୁରୀ ପଂଚାୟତର ବରପଦା ଗ୍ରାମରେ ବୋଲି ଜଣାଯାଇଛି।

# କବିବର ରାଧାନାଥ ରାୟଙ୍କ ଜୟନ୍ତୀରେ ଆଲୋଚନାଚକ୍ର, କବିତା ପାଠ ଓ ସମ୍ବର୍ଦ୍ଧନା



ଖୋର୍ଦ୍ଧା (ପିଏନ୍)- ସ୍ଥାନୀୟ ବକ୍ସି ଜଗବନ୍ଧୁ ନଗର ଗାୟତ୍ରୀ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳନ ଅବସରରେ ରାଧାନାଥଙ୍କ ଜୀବନୀ ଆଲୋଚନା ଚକ୍ର, କବିତା ପାଠ ଓ ସମ୍ମାନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ଼. ଶରଚ୍ଚନ୍ଦ୍ର ମହାପାତ୍ର, 'ମାର୍ଗଦର୍ଶୀ'ର ସମ୍ପାଦକ ଉମାଶଙ୍କର ପ୍ରସାଦ, ଟ୍ରିପୁଲ ଏ ସ୍କୁଲର ନିର୍ଦ୍ଦେଶକ ଡ଼ାଃ ନନ୍ଦକିଶୋର ପଟ୍ଟନାୟକ, ନାଚୁଣୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସାହିତ୍ୟିକ ଡ଼. ସନ୍ତୋଷ କୁମାର ନାୟକ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ପ୍ରମୁଖ ଅଂଶଗ୍ରହଣ କରି କହିଥିଲେ ଯେ, ଓଡ଼ିଆ ଭାଷାର ଦୁର୍ଦ୍ଦିନରେ ଫକୀରମୋହନଙ୍କ ସହ ମିଶି ରାଧାନାଥ ରାୟଙ୍କ ସାହିତ୍ୟକୃତି ଓଡ଼ିଆଙ୍କ ମନରେ ନବଉନ୍ମେଷ ତୋଳିଥିଲା। ତାଙ୍କ ରଚିତ ବିବେକୀ ଇତାଲୀୟ ଯୁବା, ମେଘଦୂତ,କେଦାର ଗୌରୀ, ଉଷା, ଚିଲିକା, ମହାଯାତ୍ରା, ଦରବାର, ତୁଳସୀସ୍ତବକ, ଉର୍ବଶୀ ଆଦି ଯୁଗ ଯୁଗ ଧରି ତାଙ୍କୁ ପ୍ରାତଃ ସ୍ମରଣୀୟ କରି ରଖିବ ବୋଲି ମତ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରାବନ୍ଧିକା ପ୍ରଫେସର ଡ଼. ସୁଚେତା ରାଉତଙ୍କୁ ଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ମାନପତ୍ର ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସୁବାସିନୀ ପଟ୍ଟନାୟକ, ଜ୍ୟୋତିପ୍ରଭା ପଟ୍ଟନାୟକ, ବିକ୍ରମ ଚମ୍ପତି, ପ୍ରସନ୍ନ କୁମାର ମଣ୍ଡଳ, ଦେବରାଜ ପ୍ରଧାନ, ଗୟା ପ୍ରସାଦ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସଭାପତି ଶିବସୁନ୍ଦର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପାଦିକା ବିମଳା ସିଂହ ଧନ୍ୟବାଦ ଦେଇଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ସର୍ବଶ୍ରୀ ଦିବ୍ୟଲୋଚନ ଭାରିମଲ୍ଲ, ବିଳାସିନୀ ଦାଶ, ରାଜକିଶୋର କେଉ, କୈଳାସ ପୃଷ୍ଟି, ନନ୍ଦିନୀ ଦାଶ, ନାରାୟଣ ଦାସ, ଶ୍ରୀନିବାସ ପ୍ରଧାନ, ଜ୍ୟୋତି ରଂଜନ ସାହୁ, ଡ଼. ରଜନୀ ରଣସିଂହ, ଅଧାପିକା ଆରତି ସେନ ପ୍ରମୁଖ କବିତା ପାଠ କରିଥିଲେ। ଖୋର୍ଦ୍ଧା ସାହିତ୍ୟ ସଂସଦର ଉପସଭାପତି ଇତିଶ୍ରୀ ସାହୁ, ବାସୁଦେବ ସାହୁ, ବିଦ୍ୟାଧର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମୁଦ୍ର ଭିତରେ ଗୁଳିମାଡ଼: ଜଣେ ମୃତ, ଦୁଇ ଆହତ

ବାଲେଶ୍ୱର (ପିଏନ୍)-ଚାନ୍ଦିପୁର ଥାନା ବଳରାମଗଡ଼ି ଅଞ୍ଚଳରେ ଗତକାଲି ଏକ ଅଭାବନୀୟ ଘଟଣା ଘଟିଛି। ଗୁଳିମାଡ଼ରେ ଜଣେ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। କମଳାକାନ୍ତ ମାଝୀଙ୍କର ମୃତ୍ୟୁ ହୋଇଥିବା ବେଳେ ପଦ୍ମଲୋଚନ ମଳିକ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଗତକାଲି ସାତଜଣ ମତ୍ସ୍ୟଜୀବୀ ଜୟ ମା' ତାରିଣୀ ଡଙ୍ଗାରେ ସମୁଦ୍ରର କୁଡ଼ାକୁଟୀ ଓ ଗଦାନାଥ ମଝିରେ ଜାଲ ବିଛାଇ ମାଛ ମାରୁଥିଲେ। ଏହି ସମୟରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଡଙ୍ଗାରେ ବସିଥିବା କମଳାକାନ୍ତଙ୍କର ମୃତ୍ୟୁ ହୋଇଥିଲା ଓ ଡଙ୍ଗାର ମାଲିକ ପଦ୍ମଲୋଚନଙ୍କର ପିଠିରେ ଗଭୀର ଆଘାତ ଲାଗିଥିଲା। କମଳାକାନ୍ତ ଓ ପଦ୍ମଲୋଚନଙ୍କୁ ତୁରନ୍ତ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡ଼ାକ୍ତର କମଳାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର ନିଶିଦ୍ଧାଞ୍ଚଳରେ ମାଛ ମାରୁଥିବା ବେଳେ ସେମାନେ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି।

# ଗଳିପୋଲ ନିର୍ମାଣ ପାଇଁ ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ଭଡଙ୍ଗା ଛକ ଠାରେ ଏକ ଗଳି ପୋଲ ନିର୍ମାଣ ପାଇଁ ବିଜେପିନେତ୍ରୀ ସ୍ମୃତିରେଖା ପହିଙ୍କ ଉଦ୍ୟମକ୍ରମେ ସଫଳ ହୋଇଥିବାରୁ ସ୍ଥାନୀୟ ଲୋକମାନେ ଶ୍ରୀମତୀ ପହିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ ୫୩ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ କାମ ଚାଲିଥିବା ବେଳେ ଆରୁହା ନିକଟସ୍ଥ ଭଡଙ୍ଗାଠାରେ ଲୋକମାନଙ୍କର ସୁରକ୍ଷିତ ଯାତାୟାତ ପାଇଁ ଏକ ଗଳି ପୋଲ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ । ହେଲେ ଦାୟିତ୍ୱରେ ଥିବା ଠିକାସଂସ୍ଥା ଗଳି ପୋଲ ନିର୍ମାଣ କରିବାକୁ ଅମଙ୍ଗ ହୋଇଥିଲା । ଏହାକୁ ନେଇ ସ୍ଥାନୀୟ ଭଡଙ୍ଗା ଓ ଆଳିଜଙ୍ଗା ଗ୍ରାମବାସୀମାନେ ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କୁ ଜଣାଇଥିଲେ। ଏନେଇ ଶ୍ରୀମତୀ ପହି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରି ସେଠାରେ ଏକ ଗଳିପୋଲ ନିର୍ମାଣ କରିବାକୁ ଦାବି କରିଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନ ଜାତୀୟ ରାଜପଥ ପ୍ରାଧିକରଣ ମନ୍ତ୍ରୀ ନିତିନ ଗଡକରିଙ୍କୁ ଭେଟି ଏହି ସମସ୍ୟାର ସମାଧାନ ପୂର୍ବକ ଏଠାରେ ଏକ ଗଳିପୋଲ ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ। ଏହି ଗଳିପୋଲ ନିର୍ମାଣ ପାଇଁ ୨୨ କୋଟି ୭୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି ଖବର ଜଣାପଡିବା ପରେ ହରିଦାସପୁର ପଂଚାୟତ ଭଡଙ୍ଗା ଓ ଅଳିଜଙ୍ଗା ଗ୍ରାମବାସୀ ଶ୍ରୀମତୀ ପହିଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନେଇ ଭଡଙ୍ଗାଠାରେ ସମ୍ବର୍ଦ୍ଧିତ କରିଛନ୍ତି । ଏତଦ୍‌ବ୍ୟତିତ ବିଜେପି ଜିଲ୍ଲା ଉପସଭାପତି ବିଭୁତିଭୁଷଣ ଜେନା, ଜୋନ ସଭାପତି ତପନ କୁମାର ମାହୁନ୍ତଙ୍କୁ ସମ୍ବର୍ଦ୍ଧିତ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଗଡକରିଙ୍କୁ କୃତଜ୍ଞତା ଜଣାଇଥିଲେ । ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶେଷଦେବ ନାୟକ ପୌରୋହିତ୍ୟ କରିଥିବା ବେଳେ ବିଶିଷ୍ଟ ଶିଳ୍ପପତି ଶୈଳେନ୍ଦ୍ର ନାୟକ ଉପସ୍ଥିତ ରହିଥିଲେ।

## ୨ ହାଇଓ୍ୱା ଗାଡି ଜବତ, ୨ ଡ୍ରାଇଭର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ଚଡେଇଧରା ନିକଟରେ ଗତକାଲି ରାତିରେ ପୁଲିସ ପେଟ୍ରୋଲିଂ ସମୟରେ ୨ଟି କଳାପଥର ବୋଝେଇ ହାଇଓ୍ୱା ଗାଡିକୁ ଜବତ କରାଯିବା ସହ ଉଭୟ ଗାଡିର ଡ୍ରାଇଭରଙ୍କୁ ଗିରଫ କରାଯାଇଛି । ଗତକାଲି ରାତିରେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ସହକର୍ମୀଙ୍କ ସହ ପେଟ୍ରୋଲିଂ କରୁଥିବା ବେଳେ ବେଆଇନ ଭାବେ କଳାପଥର ପରିବହନ କରୁଥିବା ଓଡି-୦୪- ଆର- ୭୪୩୮ ଓ ଓଡି-୦୪-ଆର-୭୪୦୪ ହାଇଓ୍ୱା ଗାଡିକୁ ଅଟକାଇ କାଗଜପତ୍ର ଯାଂଚ କରିଥିଲେ । ହେଲେ ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ପୁଲିସ ୨ ଗୋଟି ହାଇଓ୍ୱା ଗାଡିକୁ ଜବତ କରିବା ସହ ଡ୍ରାଇଭର ଇନ୍ଦ୍ରମଣି ହାଂସଦା (୨୬) ଓ ଶିବୁ ସୋରେନ (୨୭)ଙ୍କୁ ଗିରଫ କରିଥିଲେ । ଏନେଇ ଜେନାପୁର ଥାନା ପୁଲିସ ୨୬୮/୨୨ରେ ଏକ ମାମଲା ରୁଜୁ କରି ଉଭୟ ଡ୍ରାଇଭଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

## ଶାଶୁଘର ଆଗରେ ବୋହୂଙ୍କ ଧାରଣା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଥାନୁଆଳ ପଞ୍ଚାୟତ ମୁରାରିପୁର ଗ୍ରାମର ଅଜୟ ସ୍ୱାଇଁଙ୍କ ଘର ଆଗରେ ତାଙ୍କ ବୋହୂ ସିଲି ଧାରଣା



ଦେଇଛନ୍ତି। ଶାଶୁଘର ଲୋକ ତାଙ୍କୁ ଘରେ ପୁରାଇ ଦେଉ ନଥିବାରୁ ସେ ଘର ଫାଟକ ଆଗରେ ଦିନ ତମାମ୍ ବସି ରହିଥିଲେ। ଏନେଇ ସିଲିଙ୍କ ବାପଘର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ଘଟଣାର ସମାଧାନ କରିବାପାଇଁ ଉଦ୍ୟମ ଜାରି ରହିଛି। ପ୍ରକାଶ ଯେ, ମୁରାରିପୁର ଗ୍ରାମର ରାଜେଶ ସ୍ୱାଇଁ ବଡ଼ଚଣା ଥାନା କଅଁରପୁର ଗାଁର ଅଲେଖ ସ୍ୱାଇଁଙ୍କ ଝିଅ ସିଲିଙ୍କୁ ୯ମାସ ପୂର୍ବେ ବିବାହ କରିଥିଲେ। ବିବାହର କିଛିଦିନ ପରେ ବିଭିନ୍ନ କାରଣକୁ ନେଇ ଶାଶୁଘର ଲୋକଙ୍କ ସହିତ ସିଲିଙ୍କ କଳିଝଗଡ଼ା ହୋଇଥିଲା । ଏହି ଘଟଣାକୁ କେନ୍ଦ୍ରକରି ସିଲି ତିନିମାସ ହେଲା ତାଙ୍କ ବାପାଙ୍କ ଘରେ ଯାଇ ରହୁଥିଲେ। ସେଠାରୁ ଫେରି ଶାଶୁଘରକୁ ଯିବାରୁ ତାଙ୍କୁ ଘରେ ପୁରାଇ ଦିଆଯାଇ ନ ଥିଲା । ଏହାକୁ ବିରୋଧ କରି ସିଲି ଶାଶୁଘର ଫାଟକ ଆଗରେ ଧାରଣାରେ ବସିଥିବା ଜଣାପଡ଼ିଛି। ଜଣେ ନବବିବାହିତା ମହିଳା ଶାଶୁଘର ସାମ୍ନାରେ ଧାରଣା ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।




**ଭୁବନେଶ୍ୱର, ୨୦୨୩, ଅପ୍ରେଲ ୨୨**

# ପୃଥିବୀ ଦିବସୀୟ ଅନୁଚିନ୍ତା


ଅନସୂୟା ମହାପାତ୍ର

ପୃଥିବୀ ସୌର ଜଗତର ଏକମାତ୍ର ଗ୍ରହ ଯେଉଁଠି ଜୀବ ଜଗତର ସୃଷ୍ଟି ସମ୍ଭବପର ହୋଇଛି । ତେଣୁ ପୃଥିବୀ ଆମ ପାଇଁ ମାତୃ ସ୍ଥାନୀୟା । ପୃଥିବୀ ନିଜ ସନ୍ତାନର ଧାରଣକର୍ତ୍ତୀ ଓ ପାଳନକର୍ତ୍ତୀ । ସମସ୍ତ ଜୀବ ଜଗତ ମଧ୍ୟରୁ ମଣିଷ ନିଜର ବୁଦ୍ଧିର ବିକାଶ ହେତୁ ପୃଥିବୀର ସବୁ ସ୍ଥାନରେ ବିଜୟର ପଦପାତ ସ୍ଥାପନ କରିଛି । ପ୍ରଭୁତ୍ୱ ବିସ୍ତାର କରି ପୃଥିବୀ ମାତାର ସବୁ ସଂସାଧନ ଓ ବିଭବର ସେ ହିଁ ମାଲିକ ହୋଇଛି । ପୃଥିବୀର ମାଟି, ପାଣି, ପବନ, ଜଙ୍ଗଲ ଏବଂ ଖଣିଜ ସମ୍ପଦକୁ ବିନିଯୋଗ କରି ଖାଦ୍ୟ, ବସ୍ତ୍ର,ବାସଗୃହ ପରି ମୌଳିକ ଆବଶ୍ୟକତା ପୂରଣ କରିବା ପରେ ନିଜ ଜୀବନକୁ ସହଜ, ସରସ ଓ ସୁଖମୟ କରିବାକୁ ସମର୍ଥ ହୋଇଛି । ମାତ୍ର ଆଜି ସେହି ମାତୃ ସଦୃଶ ଆମର ବାସଗୃହ ଏହି ପୃଥିବୀର ସ୍ୱଭାବ ସୁନ୍ଦର ନୈସର୍ଗିକ ସ୍ୱରୂପ ଆଜି ହଜି ଯାଇଛି । ମନୁଷ୍ୟର ସ୍ୱାର୍ଥପର ମନୋବୃତ୍ତି ଯୋଗୁଁ ଆଜି ପୃଥିବୀ ବିପଦଗ୍ରସ୍ତ ହୋଇଛି । ମାଟିର ମଣିଷ ଆଜି ଯାନ୍ତ୍ରିକ ସଭ୍ୟତାର କ୍ରୀତଦାସ ସାଜି ପୃଥିବୀକୁ କ୍ଷତାକ୍ତ କରିଛି । ଯନ୍ତ୍ରର ମୋହରେ ପ୍ରକୃତିକୁ ଲୁଣ୍ଠନ କରିଛି । ଶିଳ୍ପ ବିପ୍ଳବ ନାମରେ ସବୁଜ ଅରଣ୍ୟ ସ୍ଥାନରେ କଂକ୍ରିଟ ଜଙ୍ଗଲ ସ୍ଥାପନ କରିଛି । ମାଟି-ପାଣି-ପବନ ଆଜି ବିଷାକ୍ତ । ପରିବେଶ ଆଜି ପ୍ରଦୂଷିତ । ବନାଗ୍ନିର ଲେଲିହାନ ଶିଖା ଆଜି ଅଟ୍ଟହାସ୍ୟ କରୁଛି । ବିଶ୍ୱ ତାପନ ଓ ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରି ସଙ୍କଟ ଆଜି ବିଶ୍ୱ ସ୍ତରରେ ଚିନ୍ତାର କାରଣ ରୂପେ ଦଣ୍ଡାୟମାନ ହୋଇଛି ।'ଆପଣା ଦନ୍ତେ ଜିହ୍ୱା ଛେଦି 'ପରି ଆମ ନିକଟରେ ଅଜି ଏପରି ପରିସ୍ଥିତି । ପୃଥିବୀର ଅସନ୍ତୁଳନ ସ୍ଥିତିକୁ ଅନୁଶୀଳନ କରି ବିଶ୍ୱ ର ବୈଜ୍ଞାନିକ, ବୁଦ୍ଧିଜୀବୀ ଓ ଚିନ୍ତା ନାୟକଙ୍କର ଉଦବେଗ ର କାରଣ ହୋଇଛି । ଆଜି ପ୍ରକୃତିର ଋତୁଚକ୍ର ବିଲମ୍ବିତ , ମୌସୁମୀ ପରାହତ, ଜଳବାୟୁ ପରିବର୍ତ୍ତିତ, ତାପମାତ୍ରାର ଅହେତୁକ ବୃଦ୍ଧି,ଅଂଶୁଘାତର ପ୍ରକୋପ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି, ସବୁଜ କୋଠରୀ ପ୍ରଭାବ ନଷ୍ଟ ହେତୁ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ସିଧାସଳଖ ପଡ଼ି କ୍ୟାନ୍ସରତଥା ଚର୍ମ ରୋଗ ସୃଷ୍ଟି, ମଧୁର ଜଳ ଅଭାବ , ଗ୍ଲାସିଅର ତରଳି ସମୁଦ୍ରପତ୍ତନର ଉଚ୍ଚତା ବୃଦ୍ଧି, ବନ୍ୟା ବାତ୍ୟ ମରୁଡ଼ି ପରି ଅସରନ୍ତି ସମସ୍ୟାକୁ ଲକ୍ଷ୍ୟକଲେ ଲାଗୁଛି ପୃଥିବୀ ମାତା ଖୁବ୍ କୋପ କରି ମନୁଷ୍ୟ ଜାତି କୁ ନିଜ ବିଶୃଙ୍ଖଳିତ କ୍ରିୟା କଳାପ ନିମିତ୍ତ ଉଚିତ୍ ଶାସ୍ତି ଦେବାକୁ ପ୍ରତିଜ୍ଞାବଦ୍ଧ ହୋଇଛି । ଯେଉଁ ପୃଥିବୀମାତା ଆବଶ୍ୟକତା ପୂରଣ କରି ମଣିଷକୁ ଅକୁଣ୍ଠିତଚିତ୍ତରେ ଖୁସି,ସୁଖ, ଶାନ୍ତି ଭରି ଦେଇଥିଲା ସେଇ ପୃଥିବୀର ସୁରକ୍ଷା ନିମିତ୍ତ ସଚେତତାକୁ ଅଗ୍ରାଧିକାର ଦେବାକୁ ଦେଶର ସରକାରୀ, ବେସରକାରୀ ସ୍ତରରେ ଏବଂ ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ଉଦ୍ୟମ ଆରମ୍ଭ ହୋଇଛି । ପ୍ରତ୍ୟେକ ବର୍ଷର ଏପ୍ରିଲ ମାସର ୨୨ ତାରିଖକୁ 'ପୃଥିବୀ ଦିବସ, ବା 'ପୃଥିବୀ ମାତୃ ଦିବସ' ଭାବେ ବିଶ୍ୱ ସ୍ତରରେ ପାଳନ କରାଯାଉଛି । ୧୯୭୦ରେ ପ୍ରଥମକରି ପାଳିତ ହୋଇଥିବା ଏହି ଅନ୍ତର୍ଜାତୀୟ ଉତ୍ସବ ଦିବସ ଆଜି ତେପନ ବର୍ଷରେ ପଦାର୍ପଣ କରିଛି । ଆମେରିକାର ସିନେଟର ଜେରାଲ୍ଡ ନେଲ୍ସନଙ୍କ ଦ୍ୱାରା 'ପୃଥିବୀ ଦିବସ'ପ୍ରଥମେ ପାଳନ ଆରମ୍ଭ ହୋଇଥିଲା । କେତେକ ଦେଶରେ ଏକ ସପ୍ତାହ ଧରି ମଧ୍ୟ ଅର୍ଥାତ ଏପ୍ରିଲ ୧୬ରୁ ଏପ୍ରିଲ ୨୨ ଯାଏଁ ଏହି ଉତ୍ସବଟି ପାଳିତ ହୁଏ । ଆମ ପୃଥିବୀବାସୀଙ୍କ ପାଇଁ ପୃଥିବୀ ସମ୍ବନ୍ଧରେ ଭାବିବାର ଏହି ଦିବସଟି ଏକ ଅବସର ଟିଏ । ପୃଥିବୀର ପରିବେଶ ପ୍ରତି ଦୃଷ୍ଟି ଦେବା ଏବଂଏହାର ସୁରକ୍ଷା ପାଇଁ ସଚେତନ ହେବା ପ୍ରତ୍ୟେକ ପୃଥିବୀବାସୀଙ୍କର କର୍ତ୍ତବ୍ୟର ପ୍ରାଥମିକତା ରହୁ ବୋଲି ଏହି ଦିବସଟି ସତର୍କ କରାଇଥାଏ । ବର୍ତ୍ତମାନ ସୁଦ୍ଧା ୧୯୩ରୁ ଉର୍ଦ୍ଧ୍ୱ ଦେଶରେ ଏହି ଦିବସ ପାଳିତ ହେଉଛି ।ରଉଡଂ( ଆର୍ଥ ଡେ ଅର୍ଗାନାଇଜର) ପକ୍ଷରୁ ୨୦୨୩ ପାଇଁ ବାର୍ତ୍ତା ରହିଛି – ଇନଭେଷ୍ଟ ଇଁନ ଆୱାର ପ୍ଲାନେଟ (ଓଭଙ୍ଗରଷ୍ୱଷ୍ୱ ସଭ କ୍ଟଙ୍କଙ୍କ କ୍ଟକ୍ଷବଭରଷ୍ୱ ) ଅର୍ଥାତ ପୃଥିବୀ ଗ୍ରହ ପାଇଁ ଆମେ ନିବେଶ କରିବା । ନିବେଶ କହିଲେ ନିଜର ଲାଭ ପାଇଁ ଆମେ କୌଣସି ଅର୍ଥରାଶି ବା ପୁଞ୍ଜି କୁ ନିବେଶ କରି ଥାନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଆମକୁ ଧାରଣ କରିଥିବା ଏହି ଧରିତ୍ରୀର ସୁରକ୍ଷା ନିମନ୍ତେ ନିଜର ସମୟ, ଜ୍ଞାନ, ସାମର୍ଥ୍ୟ ଓ ପ୍ରଚେଷ୍ଟାକୁ ସଦା ସର୍ବଦା ଜାରି ରଖିବା ବିଧେୟ । ବିଶେଷତଃ, ଅମେ ଭାରତ ବାସୀ ଏକ ମହାନ୍ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବିତ । ଆମ ପୂର୍ବସୁରୀଙ୍କଠାରୁ ଆମର ଉପକାରୀ ପ୍ରକୃତିର ପ୍ରତିଟି ଉପାଦାନକୁ ଦେବତ୍ୱର ଆସନ ଦେଇଥାଉ । 'ପୃଥିବୀ ଅସ୍ମାକମ୍ ମାତା' । ବୃକ୍ଷ ମଧ୍ୟ ଦେବତାଓ ବୃକ୍ଷ ସୁରକ୍ଷାରେ ଆମେ ସୁରକ୍ଷିତ, ଜଳ ହିଁ ବରୁଣ ଦେବ , ବାୟୁ ମଧ୍ୟ ପବନ ଦେବ ପ ଏତାଦୃଶ ଚେତନା ଭାରତରେ ପ୍ରଚଳିତ । ତେଣୁ ଆମକୁ ଆଉ ଅଧିକ କର୍ତ୍ତବ୍ୟର ନୂତନ ଶିକ୍ଷାର ଆବଶ୍ୟକତା ନାହିଁ । ପୃଥିବୀ ପାଇଁ ନିବେଶର ଅୟମାରମ୍ଭ କରିବାର ପୂର୍ଣ୍ଣ କଳସ ନିଜଠାରୁ ଆରମ୍ଭ ହେଉ । ନିଜର ଗୃହ, ନିକଟସ୍ଥ ଅଞ୍ଚଳର ପରିବେଶକୁ ପ୍ରଦୂଷଣ ରୁ ରକ୍ଷା କରିବା, ଅଳିଆ ପଆବର୍ଜନା କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଫିଙ୍ଗିବା ଓ ପୁନଃଚକ୍ରଣ କରିବା ।ଜଳ ଜୀବନ, ବୃଷ୍ଟିଜଳ ଅମଳ, ସଂରକ୍ଷଣ କୁ ଗୁରୁତ୍ୱ ଦେଇ ବିଜ୍ଞତାର ସହ ଜଳକୁ ବ୍ୟବହାର କରି ଅପଚୟକୁ ରୋକିବା । ବୃକ୍ଷ ଆମର ବନ୍ଧୁ ପରି ଉପକାର କରେ, ତେଣୁ ଅଯଥା ଜଙ୍ଗଲ ନକାଟି, ନୂତନ ଜଙ୍ଗଲ ସୃଷ୍ଟିକରିବା । ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ନ କରି, ଜୈବିକ ସାର ପ୍ରୟୋଗ କରିବା । ପ୍ରାକୃତିକ ଇନ୍ଧନ ଓ ବିଦ୍ୟୁତ୍ ବ୍ୟବହାରରେ ମୀତବ୍ୟୟୀ ହେବା । ନଦୀତଟ ଓ ସମୁଦ୍ରତଟକୁ ପରିଷ୍କାର ରଖାଯିବା ମଧ୍ୟ ଜରୁରୀ ଅଟେ । ପ୍ଲାଷ୍ଟିକରେ ନିର୍ମିତ ଦ୍ରବ୍ୟ ବର୍ଜନ କରିପୃଥିବୀକୁ ପ୍ଲାଷ୍ଟିକ ମୁକ୍ତ କରିବା ।୩ଜ ନୀତି ଅନୁସରଣ କରିବା ଏବଂ ମନୁଷ୍ୟକୁ ଶାକାହାରୀ ହେବାର ମଧ୍ୟ ଆବଶ୍ୟକତା ରହିଛି । ପରିବେଶ ଶିକ୍ଷାକୁ ଶିକ୍ଷାନୁଷ୍ଠାନରେ ଗୁରୁତ୍ୱ ଦେବା ଜରୁରୀ । ପୃଥିବୀ ଦିବସ' ପାଳନର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ନୈନ୍ଦିନ ଜୀବନରେ ସମସ୍ତେ କର୍ତ୍ତବ୍ୟନିଷ୍ଠ ହେବା ଉଚିତ୍ । ପୃଥିବୀ ସୁରକ୍ଷା ଏକ ସାମଗ୍ରିକ ଦାୟିତ୍ୱ । ଧାରଣକର୍ତ୍ତ୍ରୀ ମା ' ବସୁଧା ର ସୁରକ୍ଷା ପ୍ରତି ସଚେତନ ହେଲେ ମନୁଷ୍ୟସଭ୍ୟତା ଆଗାମୀ ଭବିଷ୍ୟ ସମୟରେ ସୁରକ୍ଷିତ ହୋଇ ତିଷ୍ଠିରହିବ ।ଏଣୁ ସାବଧାନତା କରଣୀୟ ।

*ଯାଜପୁର*

# ସାଧାରଣତନ୍ତ୍ର ଦିବସ ଓ ଆମ ସମ୍ବିଧାନ


ଯଜାତି କେଶରୀ ନାୟକ

ଭାରତବର୍ଷରେ ଦୁଇଟି ଦିନକୁ ଜାତୀୟ ଦିବସ ରୂପେ ପାଳନ କରାଯାଏ – ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସ । ଦୁଇଟି ଯାକ ଆମ ପାଇଁ ପବିତ୍ର ଏବଂ ମହତ୍ତ୍ୱପୂର୍ଣ୍ଣ । ୧୯୫୦ ଜାନୁଆରୀ ୨୬ରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଘୋଷିତ ପାଇଁ ସମ୍ବିଧାନ ପ୍ରଣୟନ କରାଯାଇଥିଲା । ସମ୍ବିଧାନ ଜରିଆରେ ଭାରତବର୍ଷର ଏକତା ଅଖଣ୍ଡତା ରକ୍ଷା କରାଯାଇଛି । ଆମ ସମ୍ବିଧାନ ସମସ୍ତ ନାଗରିକଙ୍କୁ ରାଜନୈତିକ ଓ ମତପ୍ରକାଶର ସ୍ୱାଧୀନତା ପ୍ରଦାନ କରିଛି । ଏହାଯୋଗୁଁ ସାମାଜିକ ନ୍ୟାୟର ପ୍ରତିଷ୍ଠା ସଂଭବ ହୋଇଛି । ଭାରତୀୟ ସମ୍ବିଧାନ ବିଶ୍ୱର ଅନ୍ୟତମ ପ୍ରମୁଖ ସମ୍ବିଧାନ । ଆମ ସମ୍ବିଧାନରେ ଯେଉଁସବୁ କଥା କୁହାଯାଇଛି ଏବଂ ଯେଉଁସବୁ ବିଷୟମାନ ରହିଛି, ତାହାକୁ ବହୁ ସଭ୍ୟ ରାଷ୍ଟ୍ର ଗ୍ରହଣ କରିଛନ୍ତି । ଆମ ସମ୍ବିଧାନ ଆମକୁ ଦେଇଛି ଏକ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା । ସମ୍ବିଧାନ ଆମକୁ ସବୁ ମତ ଓ ଧର୍ମକୁ ସମ୍ମାନ ଦେବା ପାଇଁ ଶିକ୍ଷା ଦେଉଛି । ଭାରତର ସାଂସ୍କୃତିକ ଏକତା ଏଥିରେ ପ୍ରସ୍ଫୁଟିତ । ପୁଣି ବ୍ୟକ୍ତି ସ୍ୱାଧୀନତା ହେଉଛି ଆମ ସମ୍ବିଧାନର ଅନ୍ୟତମ ମୂଳମନ୍ତ୍ର । ଏହାର ମୂଲ୍ୟବୋଧ କୁ ସମଗ୍ର ବିଶ୍ୱ ସ୍ୱୀକାର କରେ । ଆଜକୁ ଚଉଷଠି ବର୍ଷ ତଳେ ନୂଆଦିଲ୍ଲୀର ବ୍ୟବସ୍ଥାପକ ସଭା ଗୃହରେ ୨୭୧ ଜଣ ନିର୍ବାଚିତ ପୁରୁଷ ଓ ମହିଳା ପ୍ରତିନିଧି ସ୍ୱାଧୀନ ଭାରତର ସମ୍ବିଧାନକୁ ସ୍ୱୀକୃତି ଦେଇଥିଲେ । ସେମାନଙ୍କର ତିନି ବର୍ଷର ମିଳିତ ଉଦ୍ୟମରେ ଲେଖାହୋଇଥିଲା ବିଶ୍ୱର ସର୍ବବୃହତ୍ ସମ୍ବିଧାନ । ନବେ ହଜାର ଶବ୍ଦ ଥିଲା ଭାରତୀୟ ସମ୍ବିଧାନ ଉଭୟ ଇଂଲିଶ ଏବଂ ହିନ୍ଦୀ ଭାଷାରେ ରଚିତ ହୋଇଥିଲା । ସେହି ବିଶାଳ ପୁସ୍ତକର ପୃଷ୍ଠାଗୁଡ଼ିକ ଚିତ୍ରିତ ଥିଲା । ଶାନ୍ତିନିକେତନର ବିଶିଷ୍ଟ ଚିତ୍ରଶିଳ୍ପୀ ନନ୍ଦଲାଲ ବସୁ ଭାରତୀୟ ଇତିହାସ ଆଧାରରେ ଚିତ୍ରଗୁଡ଼ିକ ଆଙ୍କିଥିଲେ । ସ୍ୱାଧୀନତା ପରେ 'କ୍ୟାବିନେଟ୍ ମିସନ୍ ପ୍ଲାନ୍' ଅନୁଯାୟୀ ସମ୍ବିଧାନ ରଚନା କରିବା ନିମନ୍ତେ ସାମ୍ବିଧାନିକ ସଭା ଗଢାଯାଇଥିଲା । ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ନିର୍ବାଚିତ ଏବଂ ମନୋନୀତ ପ୍ରତିନିଧିମାନେ ଏହି ସଭାର ସଦସ୍ୟ ହୋଇଥିଲେ । ବିଆର୍ ଆମ୍ବେଦକର, ଶ୍ୟାମା ପ୍ରସାଦ ମୁଖାର୍ଜୀ, କେଏମ୍ ମୁନ୍ସୀ, ଜବାହାରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ମୌଲାନା ଆବୁଲ କଲାମ ଆଜାଦ, ଆଲ୍ଲାଡ଼ି କୃଷ୍ଣସ୍ୱାମୀ ଆୟାର, ଏନ୍ ଗୋପାଳସ୍ୱାମୀ ଆୟେଙ୍ଗାର, ଜେରୋମ୍ ଡି'ସୁଜା ପ୍ରମୁଖ ସେହି ସାମ୍ବିଧାନିକ ସଭାର ସଦସ୍ୟ ଥିଲେ ।

*ସେକ୍ଟର-୧୦, ସିଡିଏ, କଟକ*

# ମାଘ ସପ୍ତମୀର ଆଧ୍ୟାତ୍ମିକ ମହତ୍ତ୍ୱ


ଡ଼ଃ.ଅରୁନ୍ଧତୀ ଦେବୀ

ପବିତ୍ର ମାଘ ମାସ ଶୁକ୍ଳପକ୍ଷର ସପ୍ତମ ଦିନରେ ଭାରତରେ ପାଳିତ ହୋଇଥାଏ ମାଘ ସପ୍ତମୀ । ଏହି ପବିତ୍ର ଦିବସ ରଥ ସପ୍ତମୀ ନାମରେ ମଧ୍ୟ ପ୍ରସିଦ୍ଧ । ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିର ଏହା ହେଉଛି ସପ୍ତମ ଦିନ । ମାଘ ସପ୍ତମୀରେ ସୂର୍ଯ୍ୟଦେବ ନିଜର ସାତଟି ଘୋଡ଼ା ସହ ଉତ୍ତର ଗୋଲାର୍ଦ୍ଧକୁ ଗତି କରିଥାନ୍ତି । ଏହି ପବିତ୍ର ଦିବସ ସୂର୍ଯ୍ୟଦେବଙ୍କ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଇଥାଏ । ଏହି ଦିନ ଋଷି କଶ୍ୟପ ଏବଂ ତାଙ୍କ ପତ୍ନୀ ଆଦିତିଙ୍କ ଠାରୁ ସୂର୍ଯ୍ୟଦେବ ଜନ୍ମ ନେଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ । ରଥପସ୍ତମୀ ବିଷୟରେ ଏକ ପୌରାଣିକ କିମ୍ବଦନ୍ତୀ ରହିଛି । ଏକ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର କେହି ସନ୍ତାନସନ୍ତତି ନଥିଲେ । ଭଗବାନଙ୍କୁ ଆରାଧନା ପରେ ରାଜାଙ୍କର ଏକ ପୁତ୍ର ଜାତ ହେଲା । ମାତ୍ର ସେହି ପୁତ୍ର ସର୍ବଦା ଅସୁସ୍ଥ ରହୁଥିଲା । ସେଥିପାଇଁ ରାଜା ଚିନ୍ତିତ ଥିଲେ । ରାଜାଙ୍କ ପୁତ୍ରଙ୍କୁ ରଥ ସପ୍ତମୀ ପୂଜା କରିବାକୁ ଜଣେ ଋଷି ପରାମର୍ଶ ଦେଲେ । ରାଜପୁତ୍ର ମାଘ ସପ୍ତମୀରେ ପୂଜା କରିବା ପରେ ତାଙ୍କର ସମସ୍ତ ପାପ କ୍ଷୟ ହୋଇଥିଲା ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ । ମାଘ ସପ୍ତମୀ ଠାରୁ ନୂତନ କୃଷି ଋତୁ ଆରମ୍ଭ ହୋଇଥାଏ । ଭାରତୀୟ କୃଷକମାନେ ସୂର୍ଯ୍ୟଦେବଙ୍କୁ ପୂଜା କରିବା ସହ କୃଷି କାର୍ଯ୍ୟ ଆରମ୍ଭ କରିବା ଲାଗି ତାଙ୍କର ଆଶୀର୍ବାଦ ଲୋଡ଼ିଥାନ୍ତି । ଦେଶର ବିଭିନ୍ନ ସ୍ଥାନରେ ଥିବା ସୂର୍ଯ୍ୟମନ୍ଦିରରେ ଏହି ଦିନରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ । କୋଣାର୍କ ସୂର୍ଯ୍ୟମନ୍ଦିର, ଗଞ୍ଜାମ ଜିଲ୍ଲାର ବୁଗୁଡ଼ାସ୍ଥିତ ବିରଞ୍ଚି ନାରାୟଣଙ୍କ ମନ୍ଦିର, ଗୁଜୁରାଟର ମୋଧେରାସ୍ଥିତ ସୂର୍ଯ୍ୟ ମନ୍ଦିର, ଆନ୍ଧ୍ରପ୍ରଦେଶର ଆରସଭଳୀ, ତାମିଲନାଡ଼ୁର ନବଗ୍ରହ ମନ୍ଦିର ଓ ଆସାମରେ ସୂର୍ଯ୍ୟ ମନ୍ଦିରରେ ମାଘ ସପ୍ତମୀ ଉପଲକ୍ଷେ ସୂର୍ଯ୍ୟ ଦେବଙ୍କ ପୂଜା ଭକ୍ତିଭାବ ସହକାରେ ଅନୁଷ୍ଠିତ ହୋଇଥାଏ । ସେହିପରି ମାଘ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଅଚଳା ସପ୍ତମୀ ବ୍ରତ ପାଳନ କରାଯାଇଥାଏ । ଏହିଦିନ ମହିଳାମାନେ ସୂର୍ଯ୍ୟ ନାରାୟଣଙ୍କୁ ଉପାସନା କରିବା ସହ ବ୍ରତ ରଖିଥାନ୍ତି । ସେଥିପାଇଁ ଏହାକୁ ସୌର ସପ୍ତମୀ ମଧ୍ୟ କୁହାଯାଏ । ସୌଭାଗ୍ୟ ପ୍ରଦାନ କରୁଥିବା ଏହି ବ୍ରତରେ ଗୋଟିଏ ବେଳା ଖାଦ୍ୟ ଗ୍ରହଣ କରି ସୂର୍ଯ୍ୟଦେବଙ୍କ ପୂଜାର୍ଚ୍ଚନା କରାଯାଇଥାଏ । ବ୍ରତ ନିମନ୍ତେ ପ୍ରାତଃ ନିଦ୍ରା ତ୍ୟାଗ କରି ଦୈନିକ କାର୍ଯ୍ୟରୁ ପ୍ରଥମେ ନିବୃତ୍ତ ହେବା ଆବଶ୍ୟକ । ଏହାପରେ ଭଗବାନ ସୂର୍ଯ୍ୟଙ୍କ ଅଷ୍ଟଦଳୀ ପ୍ରତିମାନ ନିର୍ମାଣ କରି ଏହାମଧ୍ୟରେ ଶିବ-ପାର୍ବତୀଙ୍କ ପ୍ରତିଷ୍ଠା କରି ପୂଜା କରନ୍ତୁ । ପୂଜା ପରେ ତମ୍ବା ପାତ୍ରରେ ଦୀନଦରିଦ୍ରଙ୍କୁ ଅକ୍ଷତ ବା ଚାଉଳ ଦାନ କରିବା ଉଚିତ । ସୂର୍ଯ୍ୟସପ୍ତମୀ ବ୍ରତକୁ ନେଇ ପୁରାଣରେ ଏକ ଆଖ୍ୟାନ ରହିଛି । ପ୍ରାଚୀନ କାଳରେ ଇନ୍ଦୁମତି ନାମରେ ଜଣେ ବେଶ୍ୟା ରହୁଥିଲା । ସେ ଋଷି ବଶିଷ୍ଠଙ୍କ ନିକଟକୁ ଯାଇ ପଚାରିଲା ଋଷିବର ମୁଁ ଆଜି ପର୍ଯ୍ୟନ୍ତ କୌଣସି ଧାର୍ମିକ କାର୍ଯ୍ୟ କରିପାରିନାହିଁ । ମୃତ୍ୟୁପରେ ମୁଁ କିଭଳି ମୁକ୍ତ ଲାଭ କରିବି ? ଋଷି ସେହି ବେଶ୍ୟାକୁ କହିଲେ, ଅଚଳା ସପ୍ତମୀ ବ୍ରତ ମହିଳାମାନଙ୍କୁ ସୌଭାଗ୍ୟ ପ୍ରଦାନ କରିଥାଏ । ପୂର୍ଣ୍ଣ ବିଧିବିଧାନ ପୂର୍ବକ ଏହି ବ୍ରତ କଲେ ମୃତ୍ୟୁ ପରେ ତୁମେ ମୁକ୍ତି ପାଇପାରିବ । ଏହାଶୁଣି ଉକ୍ତ ବେଶ୍ୟା ପୂର୍ଣ୍ଣ ବିଧିବିଧାନ ପୂର୍ବକ ଏହି ବ୍ରତ ପାଳନ କଲେ । ଶେଷରେ ମୃତ୍ୟୁ ପରେ ସେ ସ୍ୱର୍ଗଲୋକ ପ୍ରାପ୍ତ କଲେ । ସ୍ତ୍ରୀମାନେ ବିଶେଷ ଭାବେ ଏହି ବ୍ରତ ପାଳନ କରିବା ଉଚିତ୍ । ଭବିଷ୍ୟ ପୁରାଣରେ ଅଚଳା ସପ୍ତମୀ ବ୍ରତର ମହତ୍ୱ ବର୍ଣ୍ଣିତ । ଏହି ପୁରାଣ ଅନୁଯାୟୀ, ଅଚଳ ସପ୍ତମୀ ବ୍ରତ ବିଷୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ଏହି ବ୍ରତର ପୂଣ୍ୟ ପ୍ରଭାବରେ ସୂର୍ଯ୍ୟଦେବଙ୍କ କୃପା ବର୍ଷ ହୋଇଥାଏ । ବ୍ୟକ୍ତି ନିରୋଗୀ ରହିଥାଏ । ବର୍ଷର ପ୍ରତ୍ୟେକ ରବିବାର ବ୍ରତ କଲେ ଯେଉଁ ପୂର୍ଣ୍ୟ ମିଳିଥାଏ, ଅଚଳା ସପ୍ତମୀରେ ଗୋଟିଏ ଦିନ ବ୍ରତ ରଖିବାରୁ ସମାନ ପରିମାଣର ପୂର୍ଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଋଷିକନ୍ୟା ଚନ୍ଦ୍ରଭାଗାର ଅପୂର୍ବ ରୂପ ଲାବଣ୍ୟରେ ଆକୃଷ୍ଟ ହୋଇପଡ଼ିଲେ ସୂର୍ଯ୍ୟଦେବ । ଚନ୍ଦ୍ରଭାଗାକୁ ପାଇବା ପାଇଁ ସେ ଓହ୍ଲାଇ ପଡ଼ିଲେ ମର୍ତ୍ତ୍ୟକୁ, କଲେ ପ୍ରେମ ନିବେଦନ । କିନ୍ତୁ ସୂର୍ଯ୍ୟଦେବଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କଲେ ସୁନ୍ଦରୀ ଚନ୍ଦ୍ରଭାଗା । ତେବେ ଚନ୍ଦ୍ରଭାଗାଙ୍କ ରୂପରେ ପାଗଳ ସୂର୍ଯ୍ୟଦେବ କ୍ରୁଦ୍ଧ ହେଲେ । ବଳ ପ୍ରୟୋଗ କରି ଚନ୍ଦ୍ରଭାଗାକୁ ହରଣ କରିବାକୁ ଉଦ୍ୟମ କଲେ । କିନ୍ତୁ ଭୟଭୀତ ଚନ୍ଦ୍ରଭାଗା ସେ ସ୍ଥାନ ଛାଡ଼ି ପଳାୟନ କଲେ । କିନ୍ତୁ ପ୍ରେମପାଗଳ ସୂର୍ଯ୍ୟଦେବ ତାଙ୍କର ପିଛା ଛାଡ଼ିଲେନି । ଫଳରେ ନିଜର ସତୀତ୍ୱ ରକ୍ଷା କରିବାକୁ ଋଷିକନ୍ୟା ଚନ୍ଦ୍ରଭାଗା ନଦୀରେ ଝାସ ଦେଇ ପ୍ରାଣ ବିସର୍ଜନ କରିଦେଲେ । ସୁନ୍ଦରୀ ଚନ୍ଦ୍ରଭାଗା ଯେଉଁଠାରେ ନିଜକୁ ଝାସ ଦେଇଥିଲେ ତାହା ଥିଲା ନଦୀ ଓ ସମୁଦ୍ରର ମିଳନ ସ୍ଥାନ । ଚନ୍ଦ୍ରଭାଗାର ବଳିଦାନ ପରେ ଲଜ୍ଜିତ ହୋଇଥିଲେ ସୂର୍ଯ୍ୟଦେବ । ନିଜର ସାମାନ୍ୟ ସ୍ଖଳନ ଯୋଗୁଁ ସେ ଜଣେ ସତୀର ଜୀବନ ନେଇଗଲେ । ଏହାପରେ ସେ ନିଜର ଭୁଲର ପ୍ରାୟଶ୍ଚିତ କରିବା ପାଇଁ ସେହି ସ୍ଥାନକୁ ଏକ ପୁଣ୍ୟ ପୀଠ ପାଲଟିବା ପାଇଁ ବର ପ୍ରଦାନ କଲେ । ପ୍ରତ୍ୟେକ ଦିନ ସେହିଠାରେ ହିଁ ତାଙ୍କର ପ୍ରଥମ ଉଦିତ କିରଣ ପଡ଼ିବ ବୋଲି ପ୍ରତିଶ୍ରୁତି ଦେଲେ । ଯିଏ ମାଘସପ୍ତମୀ ତିଥିରେ ଚନ୍ଦ୍ରଭାଗା ନଦୀରେ ସ୍ନାନ କରି ସୂର୍ଯ୍ୟଙ୍କୁ ଦର୍ଶନ କରିବ ସେ କୋଟି ପୁଣ୍ୟର ଲାଭ ପାଇବ ବୋଲି ସୂର୍ଯ୍ୟଦେବ ପ୍ରତିଶ୍ରୁତି ଦେଇଥିଲେ ।

ପରବର୍ତ୍ତୀ ସମୟରେ ସେହି ସ୍ଥାନ ଚନ୍ଦ୍ରଭାଗା ନାମରେ ପରିଚିତ ହୋଇଥିଲା ଏବଂ ଏକ ପୁଣ୍ୟ ପୀଠରେ ପରିଣତ ହୋଇଯାଇଥିଲା । ସତୀ ଚନ୍ଦ୍ରଭାଗାଙ୍କ ଏହି ତ୍ୟାଗକୁ ସ୍ମରଣ କରିବା ପାଇଁ ପ୍ରତ୍ୟେକ ବର୍ଷ ମାଘ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ ଚନ୍ଦ୍ରଭାଗାରେ ପବିତ୍ର ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥାଏ । ଶ୍ରଦ୍ଧାଳୁ ଭକ୍ତମାନେ ପୁଣ୍ୟ ଚନ୍ଦ୍ରଭାଗାରେ ବୁଡ଼ ପକାଇ ସତୀ ଚନ୍ଦ୍ରଭାଗାଙ୍କ ତ୍ୟାଗକୁ ମନେ ପକାନ୍ତି । ଆଉ ଏକ କାହାଣୀ କହେ, କୁଷ୍ଠଗ୍ରସ୍ତ କୃଷ୍ଣ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ମୁହାଣରେ ସୂର୍ଯ୍ୟଙ୍କୁ ଉପାସନା କରି ରୋଗମୁକ୍ତ ହୋଇଥିଲେ । ମାଘ ସପ୍ତମୀ ତିଥିରେ ତାଙ୍କର ଏହି ସୌଭାଗ୍ୟ ଲାଭ ହୋଇଥିବାରୁ ଏହି ଦିନ ଚନ୍ଦ୍ରଭାଗାରେ ପବିତ୍ର ବୁଡ଼ ପ୍ରଦାନ କଲେ ପୁଣ୍ୟ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପୁରାଣ ମତରେ ମାଘ ସ୍ନାନ କଲେ ସ୍ୱର୍ଗପ୍ରାପ୍ତି ହୋଇଥାଏ । ତେଣୁ ମାଘସପ୍ତମୀ ପରି ଏକ ପୁଣ୍ୟ ଦିନରେ ଆମ ରାଜ୍ୟରେ ଚନ୍ଦ୍ରଭାଗା ତଟରେ ଏହି ମାଘ ସ୍ନାନ ଉତ୍ସବ ପାଳିତ ହୋଇଥାଏ । କେବଳ ଚନ୍ଦ୍ରଭାଗାରେ ନୁହେଁ, ଖଣ୍ଡଗିରିରେ ମଧ୍ୟ ଏହି ଦିନ ଆରମ୍ଭ ହୁଏ ମାଘ ମେଳା । ସାତ ଦିନ ଧରି ଏହି ମେଳା ପାଳିତ ହୋଇଥାଏ । କେବଳ ଏକ ପୁଣ୍ୟ ପବିତ୍ର ସ୍ଥାନ ଭାବେ ନୁହେଁ, ଚନ୍ଦ୍ରଭାଗାର ପ୍ରାକୃତିକ ସୌନ୍ଦର୍ଯ୍ୟ, ନଦୀ ଓ ସମୁଦ୍ରର ମିଳନ ଭୂମି ତଥା ଉଦିତ ସୂର୍ଯ୍ୟର ମନଲୋଭା ଆକର୍ଷଣ କବି, ଭାବୁକ ଓ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ସେଥିପାଇଁ ଏହି ପୀଠରେ ପର୍ଯ୍ୟଟକମାନଙ୍କ ବେଳାଭୂମି ପାଲଟିଯାଇଛି ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଅଖିଳ ବ୍ରହ୍ମାଣ୍ଡପତି ଆହେ ଦୀନବନ୍ଧୁ...


ମୋହନ କୁମାର ଭଟ୍ଟ

'ଅଖିଳ ବ୍ରହ୍ମାଣ୍ଡପତି ଆହେ ଦୀନବନ୍ଧୁ, ପତିତଜନପାବନ ଆହେ ଜଗବନ୍ଧୁ, ଆଦ୍ୟମାର୍ଗଶିର ମାସର ଶୀତ, ଶ୍ରୀକୃଷ୍ଣ ଜାଣନ୍ତି ରାଧିକା ଚିତ୍ତ, ଦୁଃଖୀର ଜୀବନ ଦୁଖସଙ୍ଗାତ, କାହୁଁ ଆଣିଦେବି କମଳାକାନ୍ତ ମୋ କାହ୍ନୁରେ' ଏହି ବିଲକ୍ଷଣ କବିତାର ପ୍ରାଣସ୍ରଷ୍ଟା ଥିଲେ ପଞ୍ଚସଖା ଅଚ୍ୟୁତାନନ୍ଦ । ଷୋଡ଼ଶ ଶତାବ୍ଦୀର ଓଡ଼ିଶା ତା'ର କଳା, ସାହିତ୍ୟ ଓ ସାଂସ୍କୃତିକ ସନନ୍ଦକୁ ପୂର୍ଣ୍ଣତ ଅନ୍ଧାରରୁ ଆଲୋକକୁ ଆଣିପାରିନାହିଁ କହିବା ଯଦିଓ ଅପ୍ରାସଙ୍ଗିକ ମନେହୁଏ, ତେବେ ଏହି ଶତାବ୍ଦୀଟି ଆମ ସାଂସ୍କୃତିକ ଜୀବନ ଧାରାର ଏକ ସନ୍ଧିକାଳ ଥିଲା । ଅଚ୍ୟୁତାନନ୍ଦ ଜଗନ୍ନାଥ, ବଳରାମ ଆଦି କୃତକର୍ମା ଆଧ୍ୟାତ୍ମିକ ସାହିତ୍ୟିକମାନଙ୍କ ଏହି ସନ୍ଧିକାଳରେ ଅଭ୍ୟୁଦୟ ଘଟିଥିଲା । ସାଧକଶିଳ୍ପୀ ଅଚ୍ୟୁତାନନ୍ଦ ଦାସ ଖ୍ରୀଷ୍ଟିୟ ଶୋଷଡ଼ ଶତାବ୍ଦୀର ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥ ତଥା ତାଙ୍କ ଅନ୍ତରଙ୍ଗ ସ୍ୱରୂପ ଏବଂ ନିଜ ଗୁରୁ ପରମ୍ପରା ସମ୍ବନ୍ଧରେ ନିଜସ୍ୱ ଗ୍ରନ୍ଥଗୁଡ଼ିକରେ ବହୁ ପ୍ରାମାଣିକ ତଥ୍ୟ ରଖିଯାଇଛନ୍ତି । କବି ଅଚ୍ୟୁତାନନ୍ଦ କ୍ଷତ୍ରିୟ ଗୋପିନାଥଙ୍କ ନାତି ଓ ଅଚ୍ୟୁତାନନ୍ଦ ଦୀନବନ୍ଧୁଙ୍କ କୋଳମଣ୍ଡନ କରିଥିଲେ । ତେବେ ତାଙ୍କ ପିତା ରାଜାଙ୍କର କରଣ କର୍ମ କରୁଥିବାରୁ କବି ଅଚ୍ୟୁତାନନ୍ଦ କରଣପୁତ୍ର ଭାବେ ବୋଲାଇଥିଲେ ବି ମାତ୍ର ସେ ପାଲଟିଯାଇଥିଲେ ଶୂଦ୍ର । ତାଙ୍କର 'ବର୍ଣ୍ଣ ସଂହିତା'ରେ ବର୍ଣ୍ଣନା ଅନୁଯାୟୀ 'ନାହିଁ ମୋହର ବିପ୍ରବର୍ଣ୍ଣେ ଆଶା, କ୍ଷତ୍ରିୟ ବଶ୍ୟରେ ନାହିଁ ଭରସା, ଶୂଦ୍ୟ ବର୍ଣ୍ଣରେ ସେବାପ୍ରାପ୍ତ ହୋଇଏ, ଅହଂକାର ନାହିଁ ଶୂଦ୍ରର ଦେହେ' । ତାଙ୍କ ପିତାମହଙ୍କ ଦେହାନ୍ତ ପରେ ଅଚ୍ୟୁତଙ୍କ ପିତା ଦୀନବନ୍ଧୁ ମହାରାଜା ପ୍ରତାପରୁଦ୍ରଙ୍କ କୃପାଲାଭ କଳାବେଳକୁ ତାଙ୍କ ପରିବାର ଦାରିଦ୍ର୍ୟ ନିପୀଡ଼ିତ ହୋଇସାରିଥିଲେ । ତାଙ୍କର 'ଶୂନ୍ୟ ସଂହିତା' (୧୮୦୦ ଅଧ୍ୟାୟର) ତଥ୍ୟ ଅନୁଯାୟୀ ସେ ନିଜ ବାଲ୍ୟ ଜୀବନର ଉଲ୍ଲେଖ କରିଛନ୍ତି 'ତିଳ କଣାରେ ମୁଁ ଜନମ ଲଭିଲି, କେହି ନ ଚିହ୍ନିଲେ ମୋରେ, ଅଗଣିତ ବୋଲି ମାତା ଡାକୁଥାନ୍ତି, ଅନ୍ନ ନ ମିଳଇ ଘରେ' ।

ବୈଷ୍ଣବୀୟ ନମ୍ରତା ବା ଦାସ୍ୟଭାବର ମୂର୍ତ୍ତିମନ୍ତ ପ୍ରତୀକ ଦୀନ ଅଚ୍ୟୁତ ଏକ ରାଜବଂଶରେ ପାଣିଗ୍ରହଣ କରିଥିଲେ । ବୈଷ୍ଣବ କବି ଯଶୋବନ୍ତ ଦାସଙ୍କ ପରିବାରରେ ବୈବାହିକ ସମ୍ପର୍କ କାଳକ୍ରମେ ଯୋଡ଼ି ହୋଇଥିଲା । ସଂସାରବିରାଗୀ ଅଚ୍ୟୁତାନନ୍ଦଙ୍କୁ ସଂସାରୀ ହେବାକୁ ଯଶୋବନ୍ତ ହିଁ ପ୍ରବର୍ତ୍ତାଇଥିଲେ । ତାଙ୍କ 'ଯୁଗାବ୍ଧି ଗୀତା' ଭାଷାରେ "ବଇରାଗ ଭାବେ କିଛି ଦିନ ଗଲା, ଅନ୍ତର୍ଯ୍ୟାମୀ ନାଥ କରୁଣା ହେଲା, ଅଙ୍ଗଙ୍ଗ ବିଶେ ଭୂପତିର ଝିଅ, ମତେ ସମର୍ପିଲା ଅତି ସେନେହ" । କାଳକ୍ରମେ ଦାରିଦ୍ର୍ୟ ନିପୀଡ଼ିତ ଅଚ୍ୟୁତାନନ୍ଦ ପତିତ ଜନତାର ସାଂସ୍କୃତିକ ତଥା ଧାର୍ମିକ ଚିତ୍ତବତ୍ତିର ପ୍ରତିନିଧି ହୋଇ ପାଲଟିଥିଲେ ମହାପୁରୁଷ ସିଦ୍ଧମୁନି । ନୀଳାଚଳ ଧାମର ଜାତିବର୍ଣ୍ଣହୀନ ଧାର୍ମିକ ସମାଜର ଆତ୍ମିକ ବୈଶିଷ୍ଟ୍ୟ ହିଁ ପଞ୍ଚସଖାଙ୍କୁ ଅନୁପ୍ରାଣିତ କରିଥିଲା । ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦରେ ଏମାନେ ସାହିତ୍ୟ କ୍ଷେତ୍ରରେ ଯଶସ୍ୱୀ ପଦାଙ୍କ ଅଙ୍କନ କଲାପରେ ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଓଡ଼ିଶାରେ ଆବିର୍ଭାବ ଘଟି ସାରିଥିଲା । ଶୂନ୍ୟ ସଂହିତାର ବର୍ଣ୍ଣନା ଅନୁଯାୟୀ 'ଆମ୍ଭର ଆତ୍ମା ତୁମ୍ଭେ ପାଞ୍ଚ ଜଣ, ତେଣୁ ତୁମ୍ଭ ଆଗେ କହିଲୁ ପୁଣ, ଆମ୍ଭେ ପାଞ୍ଚଶାଖା ରହି ନିଷ୍ଠଳେ, ଧାୟିଲୁ ତାଙ୍କ ଚରଣକମଳେ' । ବାସ୍ତବିକ୍ ଧାର୍ମିକ ଚିଷ୍ଟବୃତ୍ତି ଓ ଉତ୍କଳୀୟ ଭାବଧାରାରେ ଏମାନେ ଅଭିନ୍ନ ହେଲେ ବି ନିଜ ନିଜ ଭିତରେ ସ୍ୱତନ୍ତ୍ରତା ପ୍ରକାଶ କରିଛନ୍ତି । ଚୈତନ୍ୟଙ୍କ ପାଣ୍ଡିତ୍ୟ ତାଙ୍କୁ ମୁଗ୍ଧ କରିବାରୁ ଅଚ୍ୟୁତାନନ୍ଦ ତାଙ୍କ ଶିଷ୍ୟତ୍ୱ ସ୍ୱୀକାର କରିଥିଲେ । ସେ ଭବିଷ୍ୟତ ମାଳିକା ରଚନା କରି ତାଙ୍କ ଦିବ୍ୟଦୃଷ୍ଟିରେ ଦେଖିଥିବା ଭବିଷ୍ୟତର ସମ୍ଭାବ୍ୟ ଘଟଣା ଓ ଘୋର କଳି ପରେ ସତ୍ୟ ଆଗମନର ଆଶ୍ୱାସନାମୟ ବାର୍ତ୍ତା ପ୍ରଦାନ କରି 'ବରଣ ଚରିତ ଗୀତା'ରେ ଲେଖିଛନ୍ତି – "ସେବଣ ଠାବରୁ ତିନି ରାଜୁତି ଏ ମହୀ, କଳିକୁ ଯାଇ ସୁଖ ନ ରହିବ ମହୀ" । ସମଗ୍ର ବରଣଚରିତ ଗୀତାଟିର ଗୁରୁ ଅଚ୍ୟୁତାନନ୍ଦ ଓ ଶିଷ୍ୟ ରାମଚନ୍ଦ୍ର ଦାସଙ୍କ ବାର୍ତ୍ତାଳାପ ରୀତିରେ ରଚିତ ହୋଇଛି । ରାହାସ କୀର୍ତ୍ତନର ଆଦ୍ୟ ପୁରୋଧା ଅଚ୍ୟୁତାନନ୍ଦ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି "ବସନ୍ତ ରାହାସ ନୀଳା ଉତ୍ସବ କରିବା, ଗୋପାଳ ପୁଅଙ୍କୁ ଯେହ୍ନେ ବରଣ କରିବା । ଅଚ୍ୟୁତାନନ୍ଦଙ୍କ ରାସଗୁରୁ ଥିଲେ ଭାଗବତକାର ଜଗନ୍ନାଥ ଦାସ । ଅଚ୍ୟୁତାନନ୍ଦ ତାଙ୍କର ସଭାବସିଦ୍ଧ ଶୈଳୀରେ ନିଜ ବଂଶାନୁଚରିତ ଭବିଷ୍ୟତ ଭାରତର ସ୍ୱରୂପ, ଧାର୍ମିକ ତଥା ନୈତିକ ଜୀବନର ଅଧୋପତନଧର୍ମୀ ସୂଚନା ଆଧ୍ୟାତ୍ମିକମୟ ସାରସ୍ୱତ ଭାଷାରେ ବର୍ଣ୍ଣନା କରିଯାଇଛନ୍ତି । ସାମାଜିକ ସତର୍କବାଣୀ ଶୁଣାଇ ଭବିଷ୍ୟତପ୍ରତି ସଚେତନ ହେବାକୁ କହିଯାଇଛନ୍ତି । ତାଙ୍କ ଭିନ୍ନସ୍ୱାଦର ଦୀର୍ଘ କବିତା 'ନିଶି ଅବକାଶ' ବେଶ୍ ଲୋକପ୍ରିୟ । ଧର୍ମାଦର୍ଶ ଦୃଷ୍ଟିରୁ ଓ ମହାନ୍ ଭାବାବେଗର ଅମୃତ ଚିନ୍ତନ ଦୃଷ୍ଟିରୁ ଶହ ଶହ ବର୍ଷ ପରେ ଓଡ଼ିଶାର ପୁରପଲ୍ଲୀରେ ଜନସାଧାରଣ ଅଚ୍ୟୁତାନନ୍ଦଙ୍କ ରଚନାବଳିକୁ ଭାବବିହ୍ୱଳ କଣ୍ଠରେ ଆବୃତ୍ତି କରିଆସୁଛନ୍ତି ।

*କୋକମୁଣ୍ଡା, ଚାନ୍ଦେର, କେସିଙ୍ଗା, କଳାହାଣ୍ଡି, ଦୂରଭାଷ : ୯୯୩୮୯୦୪୭୭୫*

# ବିଦ୍ୟା ଓ ବାଣୀର ଦେବୀ : ବାଗ୍‌ଦେବୀ


ଶରତ କୁମାର ସାହୁ

ବସନ୍ତ ପଞ୍ଚମୀ ମା' ସରସ୍ୱତୀଙ୍କ ପ୍ରକଟ ହେବା ଦିବସ । ଦେବୀ ସରସ୍ୱତୀ ମନୁଷ୍ୟକୁ ଜ୍ଞାନର ପ୍ରକାଶ ଦିଗରେ ନେଇ ଯାଆନ୍ତି । ସେ ବାଣୀର ଦେବୀ ହୋଇଥିବାରୁ ତାଙ୍କୁ ବାଗ୍‌ଦେବୀ କୁହାଯାଏ । ବାଣୀ ବା ଜିହ୍ୱାରୁ ବାହାରୁଥିବା ବାଣ, ଥରେ ବାହାରିଗଲେ ପୁଣି ଫେରି ଆସିନଥାଏ । ଏଣୁ ବାଣୀର ସଂଯମ ଏବଂ ସଦୁପଯୋଗ ହେବା ଆବଶ୍ୟକ । ଏହା ହିଁ ବାଗ୍‌ଦେବୀଙ୍କୁ ପ୍ରସନ୍ନ କରିବାର ମୂଳ ମନ୍ତ୍ର । ଯେତେବେଳେ ମନୁଷ୍ୟ ମୌନ ରହିଥାଏ, ସେ ସମୟରେ ବାଗ୍‌ଦେବୀ ଅନ୍ତରାତ୍ମାର ସ୍ୱର ହୋଇ ସତ୍‌ପ୍ରେରଣା ପ୍ରଦାନ କରିଥାନ୍ତି । ବାଗ୍‌ଦେବୀ ସରସ୍ୱତୀ ବାଣୀ, ବିଦ୍ୟା, ଜ୍ଞାନବିଜ୍ଞାନ ଏବଂ କଳାକୌଶଳର ଆଦିର ଅଧିଷ୍ଠାତ୍ରୀ ଦେବୀ । ସେ ମାନବ ଭିତରେ ଲୁଚି ରହିଥିବା ଚେତନା ଶକ୍ତିକୁ ଜାଗ୍ରତ କରି ଅଜ୍ଞାନର ଅନ୍ଧକାର ଦୂର କରିଥାନ୍ତି । ମନୁଷ୍ୟକୁ ଆଲୋକ ଆଡ଼କୁ ନେଇଯାଇଥାନ୍ତି । ବିଶ୍ୱର ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମାତା ସରସ୍ୱତୀଙ୍କ ଦୁଇଟି ରୂପ ବିଷୟରେ ବର୍ଣ୍ଣନା କରାଯାଇଛି । ପ୍ରଥମେ ବାଗ୍‌ଦେବୀ ଏବଂ ଦ୍ୱିତୀୟରେ ସରସ୍ୱତୀ । ତାଙ୍କୁ ବୁଦ୍ଧିସମ୍ପନ୍ନ, ପ୍ରେରଣାଦାୟିନୀ ଏବଂ ପ୍ରତିଭା ବିକାଶ ନିମନ୍ତେ ଶକ୍ତି ପ୍ରଦାନ କରୁଥିବା ଦେବୀଙ୍କ ରୂପରେ ବର୍ଣ୍ଣନା କରାଯାଇଛି । ଋକ୍ ବେଦର ସଂହିତା ସୁକ୍ତ ସଂଖ୍ୟା ୮/୧୦୦ରେ ବାଗ୍‌ଦେବୀଙ୍କ ମହିମା ବର୍ଣ୍ଣନା କରାଯାଇଛି । ବୃହଦାରଣ୍ୟକ ଉପନିଷଦରେ ରାଜା ଜନକ ମହର୍ଷି ଯାଜ୍ଞବଲକ୍ୟଙ୍କୁ ପଚାରୁଛନ୍ତି, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଥାଏ, ଚନ୍ଦ୍ରମାର ଆଲୋକ ନଥାଏ ଏବଂ ଅଗ୍ନି ଲିଭିଯାଇଥାଏ, ସେତେବେଳେ କେଉଁ ବସ୍ତୁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ ? ଏହାର ଉତ୍ତରରେ ଋଷି କହୁଛନ୍ତି – ଏହି ସମୟରେ ବାକ୍ ଶକ୍ତି ହିଁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ । ମନୁଷ୍ୟ ପାଇଁ ପରମ ଉପଯୋଗୀ ମାର୍ଗ ଦେଖାଉଥିବା ଦେବୀ ହେଉଛନ୍ତି ବାକ୍‌ର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀ । ଛାନ୍ଦୋଗ୍ୟ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ, ଯଦି ବାଣୀର ଅସ୍ତିତ୍ୱ ନଥାନ୍ତା, ତାହାଲେ ଭଲ ଏବଂ ମନ୍ଦ, ସତ୍ୟ ଓ ମିଥ୍ୟା, ସହୃଦୟତା ଏବଂ ନିଷ୍ଠୁରତା ମଧ୍ୟରେ ପ୍ରଭେଦ ଜାଣି ହୁଅନ୍ତା ନାହିଁ । ଏଣୁ ବାଣୀର ଉପାସନା କରିବା ଉଚିତ । ଜ୍ଞାନର ଏକ ମାତ୍ର ଅଧିଷ୍ଠାନ ହେଉଛି ବାକ୍ । ପ୍ରାଚୀନ କାଳରେ ବେଦ ଆଦି ସମସ୍ତ ଶାସ୍ତ୍ର କଣ୍ଠସ୍ଥ କରାଯାଉଥିଲା । ଆଚାର୍ଯ୍ୟଙ୍କ ବାଣୀ ଦ୍ୱାରା ଶିଷ୍ୟମାନେ ଶାସ୍ତ୍ରର ଜ୍ଞାନ ଲାଭ କରୁଥିଲେ । ଗୁରୁମନ୍ତ୍ର ମଧ୍ୟ ବାଣୀ ଦ୍ୱାରା ପ୍ରାପ୍ତି ହେଉଥିଲା । ବାଗ୍‌ଦେବୀ ମାତା ସରସ୍ୱତୀଙ୍କ ଉପାସନାର ପ୍ରାସଙ୍ଗିକତା ଆଧୁନିକ ଯୁଗରେ ମଧ୍ୟ ରହିଛି । ଦେବୀ ଭାଗବତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ବାଣୀର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀଙ୍କ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜିହ୍ୱାରୁ ହୋଇଥିଲା । ପରମେଶ୍ୱରଙ୍କ ଜିହ୍ୱାରୁ ପ୍ରକଟ ହୋଇଥିବାରୁ ସେ ବାଗ୍‌ଦେବୀ ସରସ୍ୱତୀ ବୋଲାଇଲେ । ବୈଦିକ ଯୁଗର ବାଗ୍‌ଦେବୀ କାଳାନ୍ତରରେ ସରସ୍ୱତୀ ନାମରେ ପ୍ରସିଦ୍ଧ ହେଲେ । ଶାସ୍ତ୍ରରେ ମାଘ ଶୁକ୍ଳ ପକ୍ଷ ପଞ୍ଚମୀରେ ବାଗ୍‌ଦେବୀଙ୍କ ପ୍ରକଟ ହେବାର ଦିବସ ଭାବେ ବର୍ଣ୍ଣନା କରାଯାଇଛି । ଏହି କାରଣରୁ ବସନ୍ତ ପଞ୍ଚମୀ ଦିନ ବାଗୀଶ୍ୱରୀ ଜୟନ୍ତୀ ମଧ୍ୟ ପାଳିତ ହୋଇଥାଏ, ଏହା ସରସ୍ୱତୀ ପୂଜା ନାମରେ ମଧ୍ୟ ପ୍ରସିଦ୍ଧ । ବାଗ୍‌ଦେବୀଙ୍କ ଆରାଧନା ପଛରେ ଲୁଚି ରହିଥିବା ଆଧ୍ୟାତ୍ମିକ ବାର୍ତ୍ତା ହେଉଛି – ଆପଣ ଯାହାକିଛି କହୁଛନ୍ତି, ଭାବିଚିନ୍ତି କୁହନ୍ତୁ । କାରଣ ମଧୁର ବାଣୀ ମିତ୍ର ସୃଷ୍ଟି କରିଥାଏ ଏବଂ କଟୁ ବାଣୀ ଶତ୍ରୁ ସୃଷ୍ଟି କରେ ।

*'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩*

# ଆଚ୍ଛାଦନ-ଆଚରଣ


ଅପର୍ଣ୍ଣା ନାୟକ

କେତେକ ଲୋକ କହନ୍ତି – ମନୁଷ୍ୟ ତା'ର ପୋଷାକ ପରିଚ୍ଛଦରୁ ଜଣାପଡ଼େ ସେ କେତେ ସମ୍ମାନସ୍ପଦ : କିନ୍ତୁ ଆଚ୍ଛାଦନ ପ୍ରକୃତ ମଣିଷକୁ ଚିହ୍ନାଏ ନାହିଁ, ଆଚରଣ ହିଁ ମଣିଷର ପ୍ରକୃତ ସ୍ୱରୂପକୁ ଉନ୍ମୋଚନ କରେ । ଅବଶ୍ୟ ପୋଷାକର ମଧ୍ୟ ଗୁରୁତ୍ୱ ରହିଛି । ତେଣୁ କୁହାଯାଏ – 'ଭେକ ଥିଲେ ଭିକ ମିଳେ' । ବାହ୍ୟ ଆଚ୍ଛାଦନ ପୋଷାକ ହୋଇଥିବା ସ୍ଥଳେ ଅନ୍ତ ଆଚ୍ଛାଦନ ଆନ୍ତରିକତାପୂର୍ଣ୍ଣ ଆଚରଣ । ମନୁଷ୍ୟ ନିଜ ଆଚରଣରୁ ହିଁ ବାରି ହୋଇଯାଏ ସେ ସମସ୍ତଙ୍କର କେତେ ଆଦରଣୀୟ, ସ୍ନେହସ୍ପଦ ବା ନମସ୍ୟ । ସବୁବେଳେ ଯେଉଁ ପୋଷାକ ପିନ୍ଧିଲେ ମଧ୍ୟ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପିନ୍ଧିବା ଉଚିତ, କାରଣ ତା'ର ମନ ଉପରେ ପ୍ରଭାବ ପଡ଼େ । ଅତିରିକ୍ତ ପୋଷାକ ପିନ୍ଧି, ଅତିମାତ୍ରାରେ ସଜେଇ ହେବା, ଅଳଙ୍କାର ମଣ୍ଡିତ ହେବା ଆଦୌ ସ୍ପୃହଣୀୟ ନୁହେଁ । ଯେତିକି ସରଳ, ସ୍ୱଚ୍ଛ, ନିର୍ମଳ ଓ ସାଧାସିଧା ପୋଷାକ ପରିଚ୍ଛଦ ହେବ, ବ୍ୟକ୍ତିର ବ୍ୟକ୍ତିତ୍ୱ ସେତିକି ଅଧିକ ପୋଷାକ ଭିତରୁ ଝଟକି ଉଠିବ । ଭଲ ବ୍ୟବହାର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଆକର୍ଷିତ ହୋଇଥାଏ । ଜଣେ ଦେଖିବାକୁ ସୁନ୍ଦର ହୋଇନପାରେ; କିନ୍ତୁ ତା'ର ଆଚରଣ ଓ ବ୍ୟବହାର ଭଲ ହେଲେ ସେ ଅନ୍ୟକୁ ଅନାୟାସରେ ଆକୃଷ୍ଟ କରିପାରେ । ରୂପର ଅଭାବକୁ ସୁନ୍ଦର, ସ୍ୱଚ୍ଛ, ଆନ୍ତରିକତାପୂର୍ଣ୍ଣ ବ୍ୟବହାର ପୂରଣ କରିଦିଏ, କାରଣ ଭଲ ବ୍ୟବହାର କରିବା ଅଭ୍ୟାସରେ ପଡ଼ିଗଲେ ମନୁଷ୍ୟ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରେନାହି: ଓ ତା'ର ଅନ୍ତର୍ନିହିତ ସଦ୍‌ଗୁଣଗୁଡ଼ିକ ସହଜ ଭାବରେ ବ୍ୟବହାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ ଓ ସୁରଭି ବିତରଣ କରି ପରିବେଶକୁ ମଧୁମୟ କରିପାରେ । ସେତେବେଳେ ସେ କେଉଁ ପୋଷାକ ପିନ୍ଧିଛି ତାହା ନଜରକୁ ଆସେନାହିଁ ।

ଅତି ଦାମିକା, ଝଲମଲ ହେଉଥିବା ପୋଷାକ ପିନ୍ଧିଥିବା ବ୍ୟକ୍ତିଠାରୁ ଆନ୍ତରିକତା ପୂର୍ଣ୍ଣ ବ୍ୟବହାର ଓ ସାରଲ୍ୟ ଥିବା ବ୍ୟକ୍ତି ସହଜରେ ପାଖ ପଡ଼ୋଶୀମାନଙ୍କୁ ଆକୃଷ୍ଟ କରିପାରନ୍ତି । କାରଣ ଆନ୍ତରିକତାର ଏକ ନିଆରା ମହତ୍ତ୍ୱ ଅଛି, ବାସ୍ନା ଅଛି, ଯାହା ପାଠଶାଠ ନପଢ଼ିଥିବା ବ୍ୟକ୍ତି ବାରି ନିଏ, ଚିହ୍ନି ନିଏ, ସମ୍ପର୍କ ଗଢ଼ି ଉଠେ ଆପେ ଆପେ । ସେଭଳି ମଣିଷକୁ ଦେଖିଲା ମାତ୍ରେ ଓଠରେ ହସ ଫୁଟିଉଠେ, ମନ ପ୍ରସନ୍ନ ହୁଏ, ଲାଗେ ସତେ ଯେମିତି ସେ ଖୁବ୍ ଆପରାର, ବହୁଦିନରୁ ପରିଚିତ ମଣିଷଟିଏ । ଆଚରଣ ହିଁ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ, ପୋଷାକ ନୁହେଁ । ମହାତ୍ମା ଗାନ୍ଧି ପ୍ରମାଣିତ କରି ଦେଇଥିଲେ ଯେ ପୋଷାକ ମଣିଷକୁ ତିଆରି କରେନା, ତ୍ରୁଟିକୁ ପୂରଣ କରି ଦେଇ ବ୍ୟକ୍ତିକୁ ଅଲଗା ମହତ୍ତ୍ୱରେ ପରିପ୍ଳୁତ କରିଦିଏ । ମହାତ୍ମା ଗାନ୍ଧି ଅତି ସାଧାରଣ ଖଦଡ଼ ଧୋତି ଖଣ୍ଡେ ପିନ୍ଧୁଥିଲେ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ, ମଣିଷପଣିଆ, ମହାତ୍ମ୍ୟ ବିଶ୍ୱକୁ ଚମତ୍କୃତ କରିଦେଇଛି । ଇଂରେଜ ଶାସକଙ୍କ ପାଖକୁ ଗଲାବେଳେ ସେ ସେହି ପୋଷାକ ପିନ୍ଧିଥିଲେ । ପ୍ରଚଳିତ ରୀତି ଅନୁସାରେ ଦ୍ୱାରପାଳ ତାଙ୍କୁ ଭିତରକୁ ଛାଡ଼ିଲା ନାହିଁ । ପେଣ୍ଟ, କୋଟ, ସୁଟ୍, ଟାଇ ପିନ୍ଧିଥିଲେ ସେ ଉତ୍ସବକୁ ଯାଇପାରିଥାନ୍ତେ । ମହାତ୍ମା ଗାନ୍ଧି ଘରକୁ ଫେରିଆସିଲେ ପେଣ୍ଟ, କୋଟ, ସୁଟ୍, ଟାଇକୁ ସୁନ୍ଦର ଭାବେ ସଜାଡ଼ି ଜଣେ ବ୍ୟକ୍ତି ହାତରେ ଲାଟଙ୍କ ପାଖକୁ ପଠାଇ ଦେଲେ । ପରେ ଯେତେବେଳେ ଲାଟ ଗାନ୍ଧିଙ୍କୁ ପଚାରିଲେ କାହିଁକି ସେ ନିଜେ ନଆସି ଏଭଳି ପୋଷାକ ପଠାଇଲେ, ସେତେବେଳେ ଗାନ୍ଧି ଉତ୍ତର ଦେଲେ ଆପଣ ମୋତେ ଭୋଜିସଭାକୁ ଡାକିଥିଲେ; କିନ୍ତୁ ମୁଁ ନିର୍ଦ୍ଧାରିତ ପୋଷାକ ପିନ୍ଧି ନଥିଲି ବୋଲି ମୋତେ ଭିତରକୁ ଯିବାକୁ ଅନୁମତି ଦିଆଗଲା ନାହିଁ, ତେଣୁ ମୁଁ ସେହି ନିର୍ଦ୍ଧାରିତ ପୋଷାକକୁ ମୋ ବଦଳରେ ପଠାଇ ଦେଲି । ଲାଟ୍ ସାହେବ ଲଜ୍ଜିତ ହେଲେ । ଗାନ୍ଧିଜୀଙ୍କୁ ଶ୍ରଦ୍ଧାର ସହ ସେହି ସରଳ ପୋଷାକରେ ଅତ୍ୟନ୍ତ ସମ୍ମାନ ଦେଇ ଭିତରକୁ ପାଛୋଟି ନେଲେ । ଲଣ୍ଡନ ଗଲାବେଳେ ମଧ୍ୟ ଗାନ୍ଧିଜୀ ସେହିଭଳି ସାଧାସିଧା ଲୁଗା ପିନ୍ଧୁଥିଲେ । ତାଙ୍କର ବ୍ୟକ୍ତିତ୍ୱ ଏତେ ମହାନ୍ ତାଙ୍କର ଆଦର୍ଶ ଏତେ ଉଚ୍ଚକୋଟୀର ଯେ ତାଙ୍କ ପାଇଁ କୌଣସି ପୋଷାକ ବା ବାହ୍ୟ ଆଡ଼ମ୍ବର ତିଳେମାତ୍ର ପ୍ରୟୋଜନ ନଥିଲା । ସେ ସର୍ବଶ୍ରେଷ୍ଠ ମହାନ୍ ମଣିଷ ଭାବରେ, ଅନ୍ତର୍ନିହିତ ଶୁଦ୍ଧ ଗୁଣାବଳୀରେ ବିଭୂଷିତ ଦେବୋପମ ବ୍ୟକ୍ତିତ୍ୱ । ଯଥାର୍ଥରେ ମହାତ୍ମା ପଦବାଚ୍ୟ । ବାହ୍ୟ ଆଚ୍ଛାଦନ କେବଳ ନୁହେଁ, ବ୍ୟକ୍ତିର ଅନ୍ତର୍ନିହିତ ଗୁଣ, ମାନସିକତା, ଭଦ୍ରଜନୋଚିତ ବ୍ୟବହାର ଏବଂ ସ୍ନେହଶ୍ରଦ୍ଧା ଭରା ଆନ୍ତରିକତା ହିଁ ବ୍ୟକ୍ତିକୁ ଜନପ୍ରିୟ ଓ ସମ୍ମାନସ୍ପଦ କରାଇଥାଏ ।

*ସେକ୍ଟର-୧୦, ସିଡିଏ, କଟକ*




## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡ଼ିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା,



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

# ବିନା ମାଟିରେ ଚାଷ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୂଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜିବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୂର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ। ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।



**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)

# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚ଼ିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନ୍ୱିତ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ୍ଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା



ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




## ବିଶ୍ରା ବ୍ଲକ୍ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ

ରାଉରକେଲା (ପିଏନ୍): ବିଶ୍ରା ବ୍ଲକ୍ କଂଗ୍ରେସ ତରଫରୁ ଗତ ୨୯ ତାରିଖରେ ଏକ କର୍ମୀ ସମ୍ମିଳନୀ ଜରେଇକେଲା ପଞ୍ଚାୟତର ଟୁସୁ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ କଂଗ୍ରେସ ସଭାପତି ସୁଜିତ ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀର ଆରମ୍ଭରେ ବିଶ୍ରା ବ୍ଲକ୍‌ରେ ବିଗତ ଦିନରେ କରୋନା ଓ ଅନ୍ୟାନ୍ୟ କାରଣରୁ ପ୍ରାଣ ହରାଇଥିବା କଂଗ୍ରେସ କର୍ମୀମାନଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସମ୍ମିଳନୀରେ ବୀରମିତ୍ରପୁରର ପ୍ରାକ୍ତନ ବିଧାୟକ ତଥା ସୁନ୍ଦରଗଡ ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେଡିର ୨୧ ବର୍ଷର କୁଶାସନ ଏବଂ ବିଜେପିର ୭ ବର୍ଷର ଶାସନରେ ଯେଉଁସବୁ ଜନବିରୋଧୀ ନିଷ୍ପତ୍ତି ଓ କାର୍ଯ୍ୟକ୍ରମ କରାଯାଇଛି ତା ଉପରେ ବିଶଦ୍ ଆଲୋଚନା କରିଥିଲେ। ଉଭୟ ବିଜେଡି ଓ ବିଜେପିକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ଶ୍ରୀ ତିର୍କୀ ଅଭିହିତ କରି ଉଭୟ ଦଳ ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ସ୍ୱାର୍ଥ ବିରୋଧି କାର୍ଯ୍ୟରେ ମାତିଛନ୍ତି ବୋଲି ଅଭିଯୋଗ କରି କେବଳ କଂଗ୍ରେସ ଦଳ ହିଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସ୍ୱାର୍ଥ ଓ ବିକାଶର ଚିନ୍ତା କରିଥାଏ ବୋଲି କହିଥିଲେ। ତେଣୁ ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଶ୍ରା ବ୍ଲକ୍‌ବାସୀ ପ୍ରତାରକ ବିଜେଡି ଓ ବିଜେପିକୁ ଉଚିତ୍ ଜବାବ ଦେଇ କଂଗ୍ରେସ କର୍ମୀମାନଙ୍କୁ ବିଜୟୀ କରାଇବେ ତାର ଦାୟିତ୍ୱ ପଞ୍ଚାୟତର ଆଗୁଆ କର୍ମୀମାନେ ଆଜିଠାରୁ ନେବା ପାଇଁ ପରାମର୍ଶ ଦେଇଥିଲେ। ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି ଏହି ଅବସରରେ ଉପସ୍ଥିତ ରହି କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରି କିପରି ବିଜେଡି ସରକାର ସମ୍ପ୍ରତି ସ୍ମାର୍ଟସ୍ୱାସ୍ଥ୍ୟ କାର୍ଡ ନାମରେ ଲୋକଙ୍କୁ ଠକିବାର ପ୍ରୟାସ ଆରମ୍ଭ କରିଛି ସେ ସମ୍ପର୍କରେ ବିଶଦ୍ ଭାବେ ଅବତାରଣା କରି ରାଜ୍ୟ ସରକାରୀ ହସ୍‌ପିଟାଲରେ କାହିଁକି ଆବଶ୍ୟକୀୟ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରିବା ଏବଂ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଗତ ୩ ବର୍ଷ ତଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟରେ ଆରମ୍ଭ ହୋଇଥିବା ବେଳେ ଏହି ଯୋଜନାରେ ବିଶ୍ରା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ କେତେ ଲେଖାଏଁ ଲୋକ ଉପକୃତ ହୋଇଛନ୍ତି ତାହା ପଞ୍ଚାୟତସ୍ତରୀୟ ପ୍ରତିନିଧିଙ୍କ ଠାରୁ ଶ୍ରୀ ସେନାପତି ଜାଣିବାକୁ ଚାହିଁଥିଲେ। ତେଣୁ ଏହି ସ୍ମାର୍ଟକାର୍ଡ ବଣ୍ଟନ କେବଳ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ଭୋଟ ହାତେଇବା ପାଇଁ ଏକ ଉଦ୍ୟମ ବୋଲି ଶ୍ରୀ ସେନାପତି ପ୍ରକାଶ କରି ଏଥିପାଇଁ କଂଗ୍ରେସ କର୍ମୀମାନେ ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ। ବୀରମିତ୍ରପୁରର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ଏହି ଅବସରରେ ବକ୍ତବ୍ୟ ରଖି କଂଗ୍ରେସ ସରକାର ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାଏ ବୋଲି ପ୍ରକାଶ କରି ପୋକ୍ସୋ ଆଇନ୍, ଜଙ୍ଗଲ ଅଧିକାର ଆଇନ୍, ଜମି ଅଧିଗ୍ରହଣ ଆଇନ୍, ଖାଦ୍ୟ ସୁରକ୍ଷା ଆଇନ୍ ସବୁ କଂଗ୍ରେସର ଅବଦାନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କପଟମୁଣ୍ଡା ପଞ୍ଚାୟତର ନେତା ଜବା କେର୍କେଟା, ଉସରୁ ସରପଞ୍ଚ ଆନନ୍ଦ ଏକ୍କା, ପୂର୍ବତନ ସରପଞ୍ଚ ଶିବାନୀ ଏକ୍କା, ରାଉରକେଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଯୁବକଂଗ୍ରେସ ନେତା ଦିଲ୍ଲୀପ ଲାହିରି, ୟାକୁବ ଖାନ, କୁଆଁରମୁଣ୍ଡା ବ୍ଲକ୍ ସଭାପତି ଜୟଶଙ୍କର ନନ୍ଦ, ରାଉରକେଲା କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, ସମ୍ପାଦକ ରବୀନ୍ଦ୍ର ନାୟକ, ସୁନୀତା ଲାକ୍ରା, ଜିଲ୍ଲା କୃଷକ କଂଗ୍ରେସ ସଭାପତି ଚକ୍ରଧର ମାହାତୋ ପ୍ରମୁଖ ବକ୍ତବ୍ୟ ରଖି ସଂଗ୍ରାମୀ ନେତା ଜର୍ଜ ତିର୍କୀଙ୍କ ପାଇଁ ବିଶ୍ରା ସମେତ ସୁନ୍ଦରଗଡ ଜିଲ୍ଲାରେ ଆଦିବାସୀଙ୍କ ସମ୍ମାନ, ସ୍ୱାଭିମାନ ଓ ସୁରକ୍ଷା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ତାଙ୍କ ହାତମୁଠାକୁ ଟାଣ ନ କଲେ ଆଦିବାସୀ, ଦଳିତ, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି କହିଥିଲେ। ସୁନ୍ଦରଗଡ ଜିଲ୍ଲାର ଏକମାତ୍ର ଲଢୁଆ ଆଦିବାସୀ ନେତା ଜର୍ଜ ତିର୍କୀ ସବୁ ଶ୍ରେଣୀର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରୁଛନ୍ତି ବୋଲି ନେତୃବୃନ୍ଦ ପ୍ରକାଶ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ତାଙ୍କ ନେତୃତ୍ୱରେ ବ୍ଲକ୍‌ର ସମସ୍ତ ପଞ୍ଚାୟତ ଓ ଜିଲ୍ଲା ପରିଷଦ ଜୋନରେ କଂଗ୍ରେସର ବିଜୟବାନା ଉଡାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶ୍ରା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୫୨ ଜଣ କର୍ମୀ ବିଜେଡି ଓ ଜେଏମ୍‌ଏମ୍ ଛାଡି କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ଶ୍ରୀ ତିର୍କୀ ସମସ୍ତଙ୍କୁ ପୁଷ୍ପମାଲ୍ୟ ପିନ୍ଧାଇ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଶେଷରେ ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଜାନକୀ ତିର୍କୀ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ସ୍ତରୀୟ କର୍ମୀ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଯୋଗ ଦେଇଥିଲେ।

## ସଂସ୍କୃତ ଶିକ୍ଷକଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ବର୍ଜୁନଗରରେ ରହୁଥିବା ମଧୁପୁର ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଗୋକୁଳାନନ୍ଦ ମିଶ୍ର(୮୩)ଙ୍କର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରସୁଲପୁର ବ୍ଲକ ଆଦମପୁର ଗ୍ରାମର ମୂଳବାସିନ୍ଦା ସ୍ୱର୍ଗତଃ ମିଶ୍ର ଜଣେ ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଥିଲେ। ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ଧର୍ମଶାଳା ବଜାର ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଏକମାତ୍ର ପୁଅ ପୂର୍ଣ୍ଣେନ୍ଦୁ ମୁଖାଗ୍ନି ଦେଇଥିଲେ। ପଣ୍ଡିତ ମିଶ୍ରଙ୍କ ବିୟୋଗରେ ଧର୍ମଶାଳା ଓ ରସୁଲପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବଡ଼ଚଣା ଆଂଚଳିକ ଜନଚେତନା ସାମାଜିକ ସ୍ୱେଚ୍ଛାସେବୀ ପରିଷଦର ବୈଠକ

ଚଣ୍ଡିଖୋଲ (ପିଏନ)-ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ମାଳିକାବର୍ଣ୍ଣିତ ବେଦିହୁଡ଼ା ପୀଠ ଠାରେ ବଡ଼ଚଣା ଆଂଚଳିକ ଜନଚେତନା ପରିଷଦର ୧୮୬ତମ ବୈଠକ ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ଅଂଚଳର ଶିକ୍ଷା, ଧର୍ମ ଚେତନା ଆର୍ଥିକ ସହାୟତା କରିଥିବା ବ୍ୟକ୍ତିମାନଙ୍କୁ ଉକ୍ତ ବୈଠକରେ ସମ୍ମାନିତ କରିବା ତଥା ସମ୍ବର୍ଦ୍ଧିତ କିରବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଆସନ୍ତା ୨୦୨୨ ନୂତନ ବର୍ଷ ତା୧.୧. ୨୦୨୧ରିଖରେ ଏହି ପ୍ରସ୍ତୁତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନାରେ ୧୧ଜଣିଆ କମିଟି ଗଠନ କରାଯାଇଅଛି। ସେଥିମଧ୍ୟରୁ ସଫ୍ଟୱେୟାର ଇଂଜିନିୟର ସୁମନ୍ତ କୁମାର ବେହେରା, ପ୍ରଦୀପ୍ତ କୁମାର ପ୍ରଧାନ, ଡ଼ାକ୍ତର ଅଜୟ ଲେଙ୍କା, ଅଧ୍ୟାପକ ବ୍ରଜକିଶୋର ସ୍ୱାଇଁ, ଇଂ ସଂଜୟ କୁମାର ସାହାଣୀ, କାର୍ତ୍ତିକଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଶିବରାମ ସାହୁ, ଇଂ ଭବାନୀ ପ୍ରସାଦ ବାରିକ, ଇଂ ଅମ୍ବିକା ପ୍ରସାଦ ବାରିକ, ଅକ୍ଷୟ କୁମାର ସିଂହ, କାଶିନାଥ ସ୍ୱାଇଁ, ଅନନ୍ତ ଚରଣ ରାଉତ, ନୀଳମଣି ଦାସ, ନୀଳକଣ୍ଠ ମିଶ୍ର, ସୁରେଶ ଚନ୍ଦ୍ର ବରାଳ, ଚିତରଞ୍ଜନ ସ୍ୱାଇଁ, ପୁନାନନ୍ଦ ସେଠୀ ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇଥିଲେ।

## ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ

ବାଲେଶ୍ୱର (ପିଏନ୍)-ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ବିଭିନ୍ନ ସୂଚନା ଦେବା ସହିତ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ୧-୧-୨୦୨୨ତାରିଖକୁ ଯୋଗ୍ୟତା ସୂଚକ ତାରିଖ ଭାବେ ଭିତି କରି ଯେଉଁ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା-୨୦୨୨ ଆରମ୍ଭ ହୋଇଛି ତାହାକୁ ସଫଳ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ୧.୧୧.୨୦୨୧ରିଖ ଦିନ ବୁଥ ସ୍ତରରେ ଭୋଟର ତାଲିକାର ଡ୍ରାଫ୍ଟ ପ୍ରକାଶ ପାଇବାକୁ ଥିବାବେଳେ ୧-୧୧-୨୦୨୧ରିଖରୁ ୩୦-୧୧-୨୦୨୧ରିଖ ପର୍ଯ୍ୟନ୍ତ ଭୋଟରଙ୍କ ଠାରୁ ବିଭିନ୍ନ ଦାବି ଏବଂ ଆପତି ସଂକ୍ରାନ୍ତୀୟ ଆବେଦନ ଗ୍ରହଣ କରାଯିବ। ନଭେମ୍ବର ୭ ଏବଂ ୨୧ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଗ୍ରହଣ କରାଯାଇଥିବା ବେଳେ ବିଭିନ୍ନ ବୁଥରେ ରାଜନୈତିକ ଦଳର ଏଜେଂଟମାନେ ରହି ବୁଥସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଥିଲେ। ୨୦.୧୨.୨୦୨୧ରିଖ ସୁଦ୍ଧା ସମସ୍ତ ଦାବି ଏବଂ ଅଭିଯୋଗର ଫଇସଲା କରାଯିବା ସହିତ ୫.୧.୨୦୨୨ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସମସ୍ତ ରାଜନୈତିକ ଦଳକୁ ବୁଥ ସ୍ତରରେ ଏଜେଂଟ ନିଯୁକ୍ତ କରିବା ପାଇଁ ବୈଠକରେ ନିବେଦନ କରାଯାଇଥିଲା। ବୁଥସ୍ତରୀୟ ଅଧିକାରୀମାନଙ୍କର ବୈଠକ ଡାକି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର କରିବା, ସମସ୍ତ ବୁଥସ୍ତରୀୟ ଏଜେଂଟଙ୍କ ସହ ଯୋଗାଯୋଗ ରକ୍ଷା କରି କାର୍ଯ୍ୟ କରିବା, ବିଭିନ୍ନ ଆପତି ଅଭିଯୋଗର ଶୁଣାଣୀ କରି ତାହାର ଫଇସଲା କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏହି ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ସମସ୍ତ ବୁଥମାନଙ୍କରେ କରାଯାଉଥିବା ବେଳେ ଜିଲ୍ଲାରେ ମୋଟ ୧୮୮୭ଟି ବୁଥ ରହିଛି। ଜିଲ୍ଲାର ଭୋଟର ସଂଖ୍ୟା ଏବେ ୧୮ଲକ୍ଷ ୪୨ହଜାର ୨୨୩ରହିଛି। ଏବେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଏ ସଂକ୍ରାନ୍ତରେ ଆଜି ବିଭିନ୍ନ ରାଜନୈତିକ ଦଳ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଜିଲ୍ଲା ପ୍ରଶାସନର ଆଲୋଚନା ହୋଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲାର ପ୍ରତି ବୁଥରେ ପ୍ରକାଶ ପାଇବାକୁ ଥିବା ଡ୍ରାଫ୍ଟ ଭୋଟର ତାଲିକାର ଅନୁଧ୍ୟାନ କରିବା ସହିତ ସେଥିରେ କିଛି ତ୍ରୁଟି ଥିଲେ ତାହା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବା ଏବଂ ସଂଶୋଧନ ପାଇଁ ଭୋଟରଙ୍କୁ ସଚେତନ କରାଇବାକୁ ଜିଲ୍ଲାପାଳ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ କହିଥିଲେ। ସେହିପରି ଭୋଟର ହେଲ୍ପଲାଇନ ମୋବାଇଲ ଆପ ମାଧ୍ୟମରେ ମଧ୍ୟ ଏବେ ଭୋଟରମାନେ ତ୍ରୁଟି ସଂଶୋଧନ ପାଇଁ ଆବେଦନ କରିପାରିବେ। ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ସହ ନୂତନ ଯୁବ ଭୋଟରମାନେ କିଭଳି ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବେ ସେଥିପ୍ରତି ଉଦ୍ୟମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଭୋଟର ତାଲିକା ସଂଶୋଧନ ଚାହୁଁଥିବା ଭୋଟର ନିର୍ଦ୍ଧାରିତ ଫର୍ମ ୬,୬(କ),୭, ୮ ଓ ୮ (କ)ରେ ଆବେଦନ କରିପାରିବେ। ଏହି ଫର୍ମ ବୁଥ ଗୁଡିକରେ ଉପଲବ୍ଧ ହେଉଅଛି। ଯେଉଁମାନଙ୍କର ବୟସ ୦୧ ଜାନୁଆରୀ ୨୦୨୨ ସୁଦ୍ଧା ୧୮ ବର୍ଷ ବୟସ ହୋଇଛି ସେମାନେ ୬ ନମ୍ବର ଫର୍ମ ମାଧ୍ୟମରେ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ସଂଶୋଧନ ପ୍ରକ୍ରିୟାରେ ବିଭିନ୍ନ ଫର୍ମକୁ କିଭଳି ଠିକ ଢଙ୍ଗରେ ବ୍ୟବହାର କରିହେବ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆସିଷ୍ଟାଂଟ କଲେକ୍ଟର (ନିର୍ବାଚନ) ଶ୍ରୀ ମନୋଜ କୁମାର କାର୍ଜୀ, ରାଜନୈତିକ ଦଳ ପ୍ରତିନିଧି ଶ୍ରୀ ଭୁବନାନନ୍ଦ ଦାସ, ଶ୍ରୀ କେଶବ କୁମାର ଆଚାର୍ଯ୍ୟଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

## କଳାପଥର ଓ ବାଲି ଚୋରା ଚାଲାଣ କରୁଥିବା ୯ଗାଡି ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ କଳାପଥର, ଚିପ୍ସ୍ ଓ ବାଲି ଚୋରା ଚାଲାଣ କରୁଥିବା ୯ଟି ଗାଡିକୁ ଜବତ କରାଯାଇଛି। ଜବତ ଗାଡିଗୁଡିକୁ ଧର୍ମଶାଳା ଥାନା, ଚଣ୍ଡିଖୋଲ ଫାଣ୍ଡି ଓ ଚଢ଼େଇଧରା ଚେକ୍ ପୋଷ୍ଟରେ ଅଟକ ରଖାଯାଇଛି। ଜବତ ଗାଡିଗୁଡିକରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ ହେବ ବୋଲି ତହସିଲ୍ ପକ୍ଷରୁ କୁହାଯାଇଛି। ୫୩ ନମ୍ବର ଜାତୀୟ ରାଜପଥର ଶ୍ରୀରାମପୁର ଟୋଲ୍ ଗେଟ୍ ଓ ଚଢ଼େଇଧରା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଶାସନ ପକ୍ଷରୁ ଅତର୍କିତ ଚଢଉ କରାଯାଇଥିଲା। ଏହି ସମୟରେ ୬ଟି ହାଇୱା ଏବଂ ଟ୍ରକ୍‌ରେ ବେଆଇନ ଭାବେ କଳାପଥର ଓ ଚିପ୍ସ୍ ପରିବହନ ହେଉଥିଲା। ଗାଡିଚାଳକମାନେ କଳାପଥର ଓ ଚିପ୍ସ୍ ପରିବହନ ପାଇଁ ଆବଶ୍ୟକ ଓ୍ୱାଇଫର୍ମ କିମ୍ବା କ୍ରସର ବିଲ୍ ଦେଖାଇ ନପାରିବାରୁ ଗାଡିଗୁଡିକୁ ଜବତ କରାଯାଇଥିଲା। ସେହିପରି ଏହି ସ୍କ୍ୱାର୍ଡ ଭବାନୀପୁର ପଂଚାୟତ ଭୁବନ ଗାଁ ନିକଟ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରୁ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲା। ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶ, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, ନେଉଳପୁର ଆର୍‌ଆଇ ନିରଂଜନ ବୋଇତେଇ, ନାକପୋଲ ଆର୍‌ଆଇ ଚନ୍ଦନ କୁମାର ସାହୁ, ଆରୁହା ଏଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ସ୍ଥାନୀୟ ପୁଲିସ୍ ସହାୟତାରେ ଚଢଉ କରିଥିଲେ। ଉକ୍ତ ବେଆଇନ କାରବାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢଉ, ଗିରଫଦାରୀ, ଗାଡି ଜବତ, ଜରିମାନା ଆଦାୟ, ରାସ୍ତା ବନ୍ଦ କରିବା ଏବଂ ୧୪୪ଧାରା ଜାରି କରାଯାଉଥିଲେ ମଧ୍ୟ ମାଫିଆଙ୍କ ଉପରେ ଏହା କୌଣସି ପ୍ରଭାବ ପକାଇ ପାରୁନାହିଁ। ବରଂ ମାଫିଆମାନେ ପ୍ରଶାସନିକ ଅଧିକାରୀ ଓ ପୁଲିସ୍‌କୁ ଚ୍ୟାଲେଂଜ୍ ଦେଇ ଆହୁରି ଅଧିକ କଳାପଥର, ଚିପ୍ସ୍, ମୋରମ୍, ମାଙ୍କଡାପଥର, ମାଟି, ବାଲି ଆଦି ଲଘୁଖଣିଜ ସାମଗ୍ରୀ ଲୁଟ୍‌ପାଟ୍ କରୁଛନ୍ତି। ଯାହାକି ପାହାଡ ପର୍ବତର ସୁରକ୍ଷା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିନରାତି ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ଲଘୁ ଖଣିଜ ସାମଗ୍ରୀ ଲୁଟ୍‌ପାଟ୍ ହେଉଛି। ଯାହାକୁ ରୋକିବା ପାଇଁ ପ୍ରଶାସନ ଉଦ୍ୟମ କରୁଥିଲେ ମଧ୍ୟ ସଫଳ ହୋଇ ପାରୁନାହିଁ। ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ମୋସିମ ଖାଁ ଯୁବ ବିଜଡି ଡିଜିଟାଲ ସମ୍ପାଦକ ମନୋନିତ



କେନ୍ଦ୍ରାପଡ଼ା (ପିଏନ୍): ଯୁବ ନେତା ମୋସିମ ଖାଁଙ୍କୁ ଯୁବ ବିଜେଡି ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଡିଜିଟାଲ ସମ୍ପାଦକ ଭାବେ ମନୋନିତ କରାଯାଇଛି। ରାଜ୍ୟ ବିଜୁ ଯୁବ ଜନତାଦଳ ସଭାପତିଙ୍କ ଅନୁମୋଦନକ୍ରମେ କେନ୍ଦ୍ରାପଡା ବିଜୁ ଯୁବ ଜନତା ଦଳ ସଭାପତି ରାଜେଶ ଦାସ ମୋସିମ ଖାଁଙ୍କୁ କେନ୍ଦ୍ରାପଡା ବ୍ଲକ ବିଜୁ ଯୁବ ଜନତା ଦଳର ଡିଜିଟାଲ ସମ୍ପାଦକ ଭାବେ ମନୋନିତ କରିଛନ୍ତି। କେନ୍ଦ୍ରାପଡା ବ୍ଲକ ଅଞ୍ଚଳରେ ଯୁବ ବିଜେଡିର ଡିଜିଟାଲ କାର୍ଯ୍ୟକ୍ରମରେ ମୋସିମ ଅଧିକରୁ ଅଧିକ ଯୁବକମାନଙ୍କୁ ଜୋଡି ଦଳର ସଂଗଠନକୁ ମଜଭୁତ କରିବେ ବୋଲି କହିଛନ୍ତି। ଏହି ନିଯୁକ୍ତି ପାଇଁ ମୋସିମ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଭାରସାମ୍ୟ ହରାଇ ଜଳଖିଆ ଦୋକାନରେ ପଶିଲା ହାଇୱା ଗାଡି

ବିଲେଇପଦା (ପିଏନ୍): କେନ୍ଦୁଝର ଜିଲ୍ଲା ରିମୁଳି ଫାଣ୍ଡି ଅନ୍ତର୍ଗତ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏକ ହାଇୱା ଗାଡି ନଂ ଓଡି୦୯ଜି-୭୯୦୩ ରାତି ପ୍ରାୟ ୧୧ଟା ବେଳେ ଦ୍ରୁତଗତିରେ ଆସି କାହ୍ନୁ ମୁଣ୍ଡାଙ୍କ ଜଳଖିଆ ଦୋକାନ ଭିତରେ ପଶିଯାଇଥିଲା। ଦୋକାନ ଭିତରେ କୌଣସି ବ୍ୟକ୍ତି ଥିବାରୁ କାହାର କିଛି କ୍ଷତି ହୋଇ ନ ଥିଲା। ହାଇୱା ଡ୍ରାଇଭରଙ୍କର ବାମଗୋଡଟି ଭାଙ୍ଗିଥିବା ସୂଚନା ମିଳିଛି। କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଖବର ପାଇ ରିମୁଳି ଫାଣ୍ଡି ଅଧିକାରୀ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ଡ୍ରାଇଭରଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଦୁର୍ଘଟଣାର ତଦନ୍ତ କରୁଛି।

## ଗୁପ୍‌ଚୁପ୍ ଦୋକାନ ଉପରକୁ ବୋମାମାଡ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ବଡକାଏମା ପଞ୍ଚାୟତ କାଏମା ସ୍କୁଲ ନିକଟରେ ଥିବା ଦିଲ୍‌ଖୁସ୍ ଗୁପ୍‌ଚୁପ୍ ଦୋକାନ ଉପରେ ବୋମାମାଡ ହୋଇଛି। ସୌଭାଗ୍ୟବଶତଃ ଏହା ଗୁପ୍‌ଚୁପ୍ ବିକାଳୀଙ୍କ ଉପରେ ନବାଜି ନିକଟରେ ଶୋଇଥିବା ଏକ ଛେଳି ଉପରେ ପଡିଥିଲା। ବୋମାମାଡରେ ଛେଳିର ମୁଣ୍ଡଟି ସଂପୂର୍ଣ୍ଣ ଛିଡି(ଉଡି) ଯାଇଥିବା ବେଳେ କିଛି ସମୟ ପରେ ତା'ର ମୃତ୍ୟୁ ହୋଇଯାଇଛି। ପରେ ଉତ୍ୟକ୍ତ ଲୋକମାନେ ଅଭିଯୁକ୍ତ ସ୍ଥାନୀୟ କୁଣ୍ଡପାଟଣା ଗ୍ରାମର ପ୍ରଶାନ୍ତ ସାହୁଙ୍କୁ କାବୁ କରି ପୁଲିସ୍ ଜିମା ଦେଇଥିଲେ। ଅନ୍ୟ ଦୁଇ ସହଯୋଗୀ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଛନ୍ତି। ପୁଲିସ୍ ପ୍ରଶାନ୍ତକୁ ଥାନାକୁ ଧରି ନେଇ ଘଟଣା ସଂପର୍କରେ ପଚରାଉଚରା କରୁଛି। ପ୍ରକାଶ ଯେ, କାଏମା ସ୍କୁଲ ନିକଟରେ ଥିବା ଗୁପ୍‌ଚୁପ୍ ଦୋକାନରେ ଛାତ୍ରଛାତ୍ରୀଙ୍କ ସମେତ ନିକଟସ୍ଥ ଅଂଚଳର କେତେକ ଯୁବତୀ ପ୍ରତିଦିନ ଗୁପ୍‌ଚୁପ୍ ଖାଇଥାନ୍ତି। ବିଶେଷ କରି ଯୁବତୀମାନେ ଗୁପ୍‌ଚୁପ୍ ଖାଉଥିବା ବେଳେ ପ୍ରଶାନ୍ତ ସମେତ ତାର ଆଉ କେତେକ ସାଙ୍ଗ ଗୁପ୍‌ଚୁପ୍ ଖାଇବା ସହ ଏଠାରେ ଚକ୍କର କାଟନ୍ତି। ବିହାରରୁ ଆସି ସେରପୁର ଗାଁରେ ରହୁଥିବା ଗୁପ୍‌ଚୁପ୍ ବିକାଳୀ ଏହାକୁ ବିରୋଧ କରିଥାଏ। ଝିଅ ଥିବା ବେଳେ ପ୍ରଶାନ୍ତକୁ ଗୁପ୍‌ଚୁପ୍ ଦେବାରେ ଦୋକାନୀ ବିଳମ୍ବ କରୁଥିବାରୁ ସେ ବିରକ୍ତ ହେବାସହ ଦେଖିନେବ ବୋଲି ପୂର୍ବରୁ ଧମକଚମକ ଦେଇଥିଲା। ଅପରାହ୍ଣ ପ୍ରାୟ ୨ଟାରେ ଅନ୍ୟଦୁଇ ସହଯୋଗୀଙ୍କ ସହିତ ପ୍ରଶାନ୍ତ ଏକ ବାଇକ୍‌ରେ ଆସି ଦୋକାନ ଉପରକୁ ଏକ ବୋମା ଫିଙ୍ଗିବା ସହିତ ଏହା ଟ୍ରେଲର ବୋଲି କହି ଚାଲିଯାଇଥିଲା। ତେବେ ବୋମାଟି ଦୋକାନରେ ନ ବାଜି ନିକଟରେ ଶୋଇଥିବା କାଏମା ଗ୍ରାମର ଗଗନ ମଲିକଙ୍କ ଛେଳି ଉପରେ ପଡିଥିଲା। ପରେ ଅପରାହ୍ଣ ୪ଟାରେ ପ୍ରଶାନ୍ତ ପୁଣି ଆସି ଏଠାରେ ପହଁଚିଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକମାନେ ତାକୁ କାବୁକରି ନିକଟସ୍ଥ କ୍ଲବ ଘରେ ପୁରାଇ ଦେଇଥିଲେ। ଖବରପାଇ ପୁଲିସ୍ ପ୍ରଶାନ୍ତକୁ ଥାନାକୁ ଧରିନେବା ସହ ସେ ବ୍ୟବହାର କରିଥିବା ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

## ମହୀଧରପଡା-ଗୋବିନ୍ଦପୁର ରାସ୍ତାର ଶୋଚନୀୟ ପରିସ୍ଥିତି

ଫୁଲନଖରା (ପିଏନ୍): କଟକ ଗ୍ରାମ୍ୟଉନ୍ନୟନ ବିଭାଗ ଅଧିନସ୍ଥ ମହୀଧରପଡା ଠାରୁ ୧୪ କି.ମି. ଗୋବିନ୍ଦପୁରକୁ ରାସ୍ତା ଯାଇଅଛି। ଏହି ରାସ୍ତା ଆରମ୍ଭ ତ୍ରୀନାଥବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ୩ କି.ମି. ଅତ୍ୟନ୍ତ ଖାଲଖମା ପରିପୂର୍ଣ୍ଣ ହୋଇଥିବାରୁ ଏବଂ ରାସ୍ତାର ଉଭୟ ପାର୍ଶ୍ୱ ଗଛଲତା ମାଡି ରାସ୍ତାକୁ ଅବରୋଧ କଲାଣି ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ବଜାର ରାସ୍ତା କଡକୁ ଲଗାଇ ବାଉଣ୍ଡରୀ ଘର ଇତ୍ୟାଦି ମାଡି ବସି ତିଆରି କରିବା ଦ୍ୱାରା ଦୈନନ୍ଦିନ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାକୁ ବିଭାଗୀୟ କତୃପକ୍ଷ ବିଚାରକୁ ନେଇ ତ୍ରୀନାଥ ବଜାରଠାରୁ ୭ କି.ମି. ରାସ୍ତାର ଉଭୟ ପାର୍ଶ୍ୱ ସଂପ୍ରସରଣ କରି ରାସ୍ତା କାର୍ଯ୍ୟ କରାଯିବାକୁ ଟେଣ୍ଡର କରାଯାଇଥିଲା। ଜୈନିକ ଠିକାଦାର ଦୀର୍ଘ ୪ ମାସ ତଳୁ ରାସ୍ତା ଟେଣ୍ଡର ନେଇ ନଗରୀ, ସନ୍ତୋଳ ଓ ଗବବସ୍ତ ପର୍ଯ୍ୟନ୍ତ ଖାଲିଥିବା ରାସ୍ତାର ଉଭୟପର୍ଶ୍ୱ ଜେସିପି ମେସିନ୍ ଦ୍ୱାରା ସଫାକରି ରହିଯାଇଛନ୍ତି। ଯେଉଁଠି ରାସ୍ତା ଜରୁରୀ ଆବଶ୍ୟକତା ହେଉଛି ତ୍ରୀନାଥ ବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫାକରାଗଲା ନାହିଁ କି ଜବରଦଖଲକାରିକୁ ଉଚ୍ଛେଦ କରାଗଲା ନାହିଁ। ଗତ ମାସକ ତଳେ ଲଗାଣ ବର୍ଷାଯୋଗୁ ଏହି ରାସ୍ତାର ମହୀଧରପଡା ଚମାରସାହି ପୋଲ ନିକଟ, ହାଇସ୍କୁଲ ସମ୍ମୁଖ ରଙ୍ଗଣି ସାହି ପୋଲପାଖ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟତର ଘୋର ବାଧା ସୃଷ୍ଟି ହେଉଛି। ଦୈନନ୍ଦିନ ଭୁବନେଶ୍ୱର କଟକରୁ ଗୋବିନ୍ଦପୁର ଅଂଚଳକୁ ଯାଉଥିବା ଟ୍ରକ ଗୁଡିକ ବା ଯାତ୍ରୀବାହି ବସ୍ ବହୁ ବିପଦର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାଉପରେ ବିଭାଗିୟ ଉଚ୍ଚ କତୃପକ୍ଷ ମାନ୍ୟବର ବିଧାୟକ ନିଆଳୀ ଦୃଷ୍ଟି ଦେଇ ଜରୁରୀ ହୋଇପଡିଥିବା ରାସ୍ତାକାର୍ଯ୍ୟ ଆରମ୍ଭ କରିବାକୁ ମହୀଧରପଡା ଅଂଚଳରୁ ଦୃଷ୍ଟି ଆକର୍ଷଣ କରାଯାଇଛି।

## କେନ୍ଦ୍ରାପଡାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ସ୍ୱଳ୍ପ ସଞ୍ଚୟ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ରଥକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ମିତବ୍ୟୟିତା ପତାକା ଦେଖାଇ ଉଦଘାଟନ କରିଥିଲେ। ଜନସାଧାରଣଙ୍କ ମନରେ ମିତବ୍ୟୟିତା ପ୍ରତି ସଚେତନତା ସୃଷ୍ଟି କରିବା ଓ ଆଗାମୀ ଭବିଷ୍ୟତ ପ୍ରତି ସଞ୍ଚୟ ମନୋବୃତ୍ତି ଜାଗ୍ରତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ବିଶେଷ କରି ନିଜ ଅର୍ଥକୁ ସୁରକ୍ଷିତ ରଖିବାପାଇଁ କେବଳ ସ୍ୱୀକୃତିପ୍ରାପ୍ତ ଅଧିକୃତ ଓ ପଞ୍ଜିକୃତ ସଂସ୍ଥା ବା ବ୍ୟାଙ୍କ ପୋଷ୍ଟ ଅଫିସରେ ଜମା ରଖିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଓ ସ୍ୱଳ୍ପ ସଞ୍ଚୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସଚେତନତା ରଥ ସହରରେ ସ୍ୱଳ୍ପ ସଞ୍ଚୟ ପ୍ରଚାରପତ୍ର ବଣ୍ଟନ କରିଥିଲା। ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରାଜେନ୍ଦ୍ର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କିଟ୍ ଛାତ୍ରୀ ଜିତିଲେ ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ଟାଇଟଲ୍

ଭୁବନେଶ୍ୱର: କିଟ୍ ବିଶ୍ୱବିଦ୍ୟାଳୟ ଫ୍ୟାସନ ସ୍କୁଲ୍ ଛାତ୍ରୀ ତ୍ରିଷା ରାୟ ଚଳିତବର୍ଷର ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ୨୦୨୩ ଟାଇଟଲ ହାସଲ କରିଛନ୍ତି। ଅପ୍ରେଲ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରଠାରେ ଚାଲିଥିବା ନ୍ୟାସ୍‌ନାଲ୍ ପିଜିଏଣ୍ଟ ଅଫ୍ ମିସ୍ ଟିନ୍ ଡିଭା ୨୦୨୨ ପ୍ରତିଯୋଗିତାରେ ତ୍ରିଷା ଅଂଶ ଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ବିଉଟି ଉଇଥ ବ୍ରେନ୍ସ, ର୍‌ୟାମ୍ପ ୱାକ, ସ୍ୱିଚ୍ ରାଉଣ୍ଡ ଓ 'ମିସ୍ ଟିନ୍ ଇଣ୍ଡିଆ ଇଷ୍ଟ' ଆଦି ଜଟିଳ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶେଷରେ ସେ ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ୨୦୨୩ ଟାଇଟଲ୍ ହାସଲ କରିଥିଲେ। ଏହାପରେ ସେ ଅନ୍ତର୍ଜାତୀୟସ୍ତରରେ ଭାରତର ପ୍ରତିନିଧିତ୍ୱ କରିବେ। ଗ୍ଲାମ୍ ଆନନ୍ଦ ପ୍ରାଇଭେଟ୍ ଲିମିଟେଡ୍ ଓ ଭାରତ ୨୪ ଚ୍ୟାନେଲ୍ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ତ୍ରିଷାଙ୍କ ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିଟ୍ ଫ୍ୟାସନ୍ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷାଦାନ ସହ ବିଭିନ୍ନ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସୁଯୋଗ ଦିଆଯାଉଥିବାରୁ ଏଭଳି ସଫଳତା ମିଳିପାରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହା ସହିତ ସେ କିଟ୍ ଫ୍ୟାସନ୍ ସ୍କୁଲ୍‌ର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଡଃ ସଦାଶିବ ତ୍ରିପାଠୀଙ୍କ ୧୧୪ତମ ଜୟନ୍ତୀ ପାଳିତ




ମାଲକାନଗିରି, (ପି.ଏନ):ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ୧୧୪ତମ ଜୟନ୍ତୀ ଉତ୍ସବ ମାଲକାନଗିରି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପାଳିତ ହୋଇଯାଇଛି ଓ ସେ ରାଜନୀତି କ୍ଷେତ୍ରରେ ବିରଳ ବ୍ୟକ୍ତିତ୍ୱ ଥିଲେ। ସେବା ମନୋବୃତ୍ତି ନେଇ ଉତ୍ସର୍ଗୀକୃତ ଭାବେ ଓଡ଼ିଶାର ରାଜନୈତିକ ଇତିହାସକୁ ସେ ଗୌରବମୟ କରିଥିଲେ। ତାଙ୍କର ନିଃସ୍ୱାର୍ଥପର ସମାଜସେବା ତଥା ଅସୀମ ଦେଶଭକ୍ତି ତଥା ମାନବୀୟ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟକଳାପ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଡ଼ଃ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ଅତିଥିମାନେ ଉପସ୍ଥିତ ରହି ପ୍ରଥମେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଯୋଗ ଦେଇ କହିଥିଲେ ଯେ ଓଡ଼ିଶା ରାଜନୀତିରେ ସଦାଶିବ ତ୍ରିପାଠୀଙ୍କ ଘଟଣା ବହୁଳ ଜୀବନ ଏକ ନିଷ୍କଳଙ୍କ ଅଧ୍ୟାୟ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ସରୋଜ କୁମାର ଦାସ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ କହିଥିଲେ ଯେ ସଦାଶିବ ତ୍ରିପାଠୀ ଶିକ୍ଷା, ଭିତ୍ତିଭୂମି ଓ ଶିଳ୍ପର ବିକାଶ, ଭୂଦାନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଚିର ଅମର ହୋଇ ରହିବେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମହାରଣା ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟତ୍ରୀମାନେ ସାମୂହିକ ବନ୍ଦନା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଯୁବ କଳାକାର ଜଗନ୍‌ଜିତ୍ କୁ କଳାକାର ଗୌରବ ସମ୍ମାନ

ଚଣ୍ଡିଖୋଲ,(ପିଏନ୍):ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ଯୁବକଳାକାର ଜଗନ୍‌ଜିତ୍ ଜେନାଙ୍କୁ ଯୁବକଳାକାର ଗୌରବ ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। ଚଣ୍ଡିଖୋଲ ସନ୍ନିକଟ ମା ସରସ୍ୱତୀ ନୁପୁର କଳାପୀଠର ବାର୍ଷିକ ଉତ୍ସବ ଅବସରରେ ଶ୍ରୀ ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ସଂଜୀବ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଶାନ୍ତ କୁମାର ରାଉତ ସମ୍ପାଦିକା ପୁଷ୍ପଲତା ମହାପାତ୍ର, ସମ୍ମାନୀୟ ଅତିଥି ଭାବେ ସଂଗୀତ ନିର୍ଦ୍ଦେଶକ ଜଗବନ୍ଧୁ ସାହୁ, ପଣ୍ଡିତ ଦୟାନିଧି ଦାସ, ଶିକ୍ଷକ ପ୍ରମୋଦ କୁମାର ଦାସ, କବି ଲେଖକ ପଦ୍ମଚରଣ ଜେନା ପ୍ରମୁଖ ଯୋଗଦେଇ ଶ୍ରୀ ଜେନାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଜେନାଙ୍କ ୟୁଟ୍ୟୁବ୍ ଚ୍ୟାନେଲ କ୍ରିଷ୍ଣା ଇଣ୍ଟରଟେନମେଂଟରେ ପ୍ରସାରିତ ନାଟକ ପଂଚାୟତ ବିଚାର , ପଂଚାୟତ ଲଢେଇ, ନାରାୟଣ ନାରାୟଣ, ମୋଦୀ ଆସୁଛନ୍ତି, କ୍ଷତାକ୍ତ ଅପରହ୍ନ ଆଦି ନାଟକରେ ଉଚ୍ଚକୋଟୀର ଅଭିନୟ କରି ଦର୍ଶକ ମାନଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ତାଙ୍କର ଆଗାମୀ ଏକ ଟେଲି ଫିଲିମ୍ ଅମର ଜୀବନ ମୁକ୍ତି ପ୍ରତୀକ୍ଷାରେ ଅଛି। ତାଙ୍କର ଏହି ସମ୍ମାନ ପାଇଁ ତାଙ୍କୁ ନାଟ୍ୟାୟନର ସଭାପତି ଡ଼ ବିଧୁଭୂଷଣ ପଣ୍ଡା, କ୍ରିଷ୍ଣା ଇଂଟରଟେନ୍‌ମେଂଟର ନିର୍ଦ୍ଦେଶକ ସୌରଭ ମହାନ୍ତି, ସୁକନ୍ୟାର ସଭାପତି ଅଜୟ ବାରିକ, ପ୍ରଯୋଜକ ସାଗର ସାଗର ସାହାଣୀ, କବି ପ୍ରଶାସନ୍ତ କୁମାର ଜେନା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବିଶିଷ୍ଟ ସମାସେବୀ ଦେବେନ୍ଦ୍ର ଲେଙ୍କାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳୀ ସଭା

ଚଣ୍ଡିଖୋଲ, (ପିଏନ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁର ଗ୍ରାମପଂଚାୟତ ଅଧିନ ନୀଳାମ୍ବରପୁର ଗ୍ରାମର ବିଶିଷ୍ଟ ସମାଜସେବୀ ରାଜନୀତିଜ୍ଞ ସ୍ୱର୍ଗତ ଦେବେନ୍ଦ୍ର ଲେଙ୍କାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଡ଼ ସୁଧିର କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାମାନେ ସ୍ୱର୍ଗତ ଲେଙ୍କାଙ୍କୁ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ, ରାଜନୀତିଜ୍ଞ, କର୍ମବୀର ସମାଜସେବୀ ଓ ସଫଳ ବ୍ୟବସାୟୀ ଭାବରେ ବର୍ଣ୍ଣନା କରିବା ସହିତ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଏଥିରେ କଟକ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଯାଜପୁର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ହେମନ୍ତ ସାମଲ, ଅଧ୍ୟକ୍ଷ ବ୍ରଜକିଶେରର ସ୍ୱାଇଁ, ସାମ୍ବାଦିକ ଭକ୍ତଚରଣ ସାହୁ, ଶକ୍ତି ରଂଜନ ରାଉତ, ଈଶ୍ୱର ସାମଲ, ଅଭୟ କୁମାର ଜେନା, ମଙ୍ଗଳା ପ୍ରସାଦ ପ୍ରଧାନ, ସନ୍ତୋଷ କୁମାର ଜେନା, ବସନ୍ତ କୁମାର ଜେନା, ହିମାଂଶୁ ଭୂଷଣ ପାଢୀ, ଅମର ମହାନ୍ତି, ରମାକାନ୍ତ ରାଉତ, ମଧୁସୁଦନ ବଳ, ସରୋଜ କୁମାର ପଣ୍ଡା, ଦେବରାଜ ବେହେରା , କୈଳାସ ଚନ୍ଦ୍ର ରାଉତ, ଅନନ୍ତ ଷଣ୍ଢ, କାହ୍ନୁଚରଣ ଦାସ, ପ୍ରଦୀପ କୁମାର ଧଳ, ରମାକାନ୍ତ ରାଉତ, ଅଭିମନ୍ୟୁ ଧଳ, ଦେବଜାନୀ ପ୍ରଧାନ, ମନୋରମା ଆଚାର୍ଯ୍ୟ, ଧିରେନ୍ଦ୍ର ରାଉତ,ପ୍ରଦୀପ୍ତ କୁମାର ଜେନା, ଅକ୍ଷୟ କୁମାର ସ୍ୱାଇଁ,ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲେଙ୍କା ବହୁମୁଖୀ ପ୍ରତିଭାର ଗୁଣଗାନ କରିଥିଲେ। ପୁତ୍ର ସମର କେତନ ଲେଙ୍କା, ଜନ୍ମେଜୟ ଲେଙ୍କା ପ୍ରମୁଖ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ।

# ବମିଖାଲ ୱାର୍ଡ଼ ନଂ- ୩୧ ରେ କଂଗ୍ରେସର ଜଳଛତ୍ର ଉଦ୍‌ଘାଟନ



ଭୁବନେଶ୍ୱର ,(ପି.ଏନ) : ଭୁବନେଶ୍ୱର, ବମିଖାଲ ୱାର୍ଡ଼ ନଂ-୩୧ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଯୁବ ନେତା ଇଂ ସୂର୍ଯ୍ୟକାନ୍ତ ଜେନାଙ୍କ ନେତୃତ୍ୱରେ ଆଜି ଦିବା ୧୧ ଘଟିକା ସମୟରେ ମାନ୍ୟବର ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା ଜଳଛତ୍ର ଉଦ୍‌ଘାଟନ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏହି ଜଳଛତ୍ର କାର୍ଯ୍ୟକ୍ରମ ଚାଲୁରହିଆସୁଅଛି। ଅତ୍ୟଧିକ ତାପମାତ୍ରା ହେତୁ ଜନସାଧାରଣଙ୍କ ଜନଜୀବନ ନିରାପତା ପାଇଁ ଶ୍ରୀ ଜେନା ଜଳଛତ୍ର ଆୟୋଜନ କରିଆସୁଛନ୍ତି। ପ୍ରତିଦିନ ହଜାର ହଜାର ପଥଚାରୀ ନିଜର ତୃଷ୍ଣା ମେଂଟାଇବା ସହିତ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାନୀୟଜଳ ସୁବିଧା କରାଯାଇଛି। ଏହି ଜଳଛତ୍ର ଗ୍ରୀଷ୍ମଋତୁର ଶେଷ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କର୍ପୋରେଟର ଶ୍ରୀ ପ୍ରକାଶ ଜେନା ଆଜି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଉକ୍ତ ଜଳଛତ୍ର ଉଦ୍‌ଘାଟନ ସମୟରେ ସର୍ବଶ୍ରୀ କବିରାଜ ପ୍ରଧାନ, ଚିନ୍ମୟ ସୁନ୍ଦର ଦାଶ, ଲିଙ୍ଗରାଜ ସାହୁ, ମୃତ୍ୟୁଞ୍ଜୟ ଛୋଟରାୟ, ଦୁଃଖିଶ୍ୟାମ ଜେନା, ଆଲୋକ ମହାନ୍ତି, ସୁଶାନ୍ତ କୁମାର ଜେନା, ଅଭୟ ରାଉତରାୟ, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ନିରନ ପୁହାଳ, ସୁଜନ କୁମାର ଜେନା, ସଂଜୟ କୁମାର ଜେନା, ତରୁଣ ମିଶ୍ର, କୁଳମଣି ସାହୁ, ସୁକାନ୍ତ ବରାଳ, ଅଶୋକ ପୁହାଣ, ସମୀର ପୁହାଣ, ବୈଲୋଚନ ସାହୁ, ଉଲ୍ଲାସ ଜେନା, ରାକେଶ ଜେନା, ବିଦ୍ୟୁତ୍ କୁମାର ସାମନ୍ତରାୟ, ଲାରା ଛୋଟରାୟ, ଶଙ୍କର୍ଷଣ ଭୋଇ, ଜ୍ୟୋତିକୃଷ୍ଣ ସାମନ୍ତରାୟ, ରାଜ କିଶୋର ସାମନ୍ତରାୟ, ଦେବୀକାନ୍ତ ପ୍ରଧାନ, ପ୍ରଭାତ ସାହୁ ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ନେତୃମଣ୍ଡଳି ଏଥିରେ ଅଂଶ ଗ୍ରହଣ କରିଥିଲେ।

## ସରକାରଙ୍କ ସମ୍ପୂର୍ଣ୍ଣ ପାଠପଢା ବନ୍ଦ ନିଷ୍ପତ୍ତିକୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଅବିଭାବକଙ୍କ ମହଲରେ ଗଭୀର ଅସନ୍ତୋଷ

ଭୁବନେଶ୍ୱର, (ପି.ଏନ) : ମହାମାରୀ କରୋନାରୁ ଦୁଇ ବର୍ଷରୁ ଅଧିକ ହେବ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ପାଠ ପଢି ଯେଉଁ ଭରଣା କରିପାରିନଥିଲେ ଏବେ ଅଫ୍‌ଲାଇନ୍‌ରେ ତାହା କିଛି ମାତ୍ରାରେ ପୂରଣ କରିବାକୁ ମନସ୍ତ କରିଥିଲାବେଳେ ସରକାର ଏବେ ପୁଣି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆଳରେ ସମ୍ପୂର୍ଣ୍ଣ ପାଠପଢା ଆଜିଠାରୁ ବନ୍ଦ କରିଦେଇଛନ୍ତି । କିନ୍ତୁ ଆଜିଠାରୁ ପାଗର ମଧ ଭଲ ପରିବର୍ତ୍ତନ ହୋଇଥିବାବେଳେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଅବିଭାବକ ଓ ଛାତ୍ରଛାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଅଛି ? ଯଦିଓ ଗ୍ରୀଷ୍ମ ପ୍ରବାହ ପାଇଁ ସ୍କୁଲ୍ ବନ୍ଦ କରିଛନ୍ତି, କିନ୍ତୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେଉଥିବାରୁ ସେମାନଙ୍କୁ ଶ୍ରେଣୀ ଶିକ୍ଷାରୁ ବିରତ ନ କରି ସକାଳ ଘ.୬.୩୦ ମିନିଟରୁ ଘ.୧୦.୩୦ମଧ୍ୟରେ ଚଳାଇବାକୁ ଅବିଭାବକମାନେ ସରକାରଙ୍କୁ ନିବେଦନ କରିଛନ୍ତି ।

# ଏକ ଫୌଜଦାରୀ ମାମଲାରେ ଆସାମୀଙ୍କୁ ଏକ ବର୍ଷ ଜେଲ ଦଣ୍ଡାଦେଶ

ଚଣ୍ଡିଖୋଲ, (ପିଏନ୍):ଏକ ଫୌଜଦାରୀ ମାମଲାର ବିଚାରକରି ଆଜି ଚଣ୍ଡିଖୋଲ ସହକାରୀ ଦୌରାଜଜ୍ ଆସାମୀ ମାନଙ୍କୁ ଏକ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ମୁତାବକ ୨୦୧୪ ମସିହା ମାର୍ଚ୍ଚ ମାସ ୬ ତାରିଖରେ ବଡଚଣା ଥାନା ବିଦ୍ୟାଧରପୁର ଗ୍ରାମର ରାମଚନ୍ଦ୍ର ସାମଲଙ୍କ ଲିଖିତ ଅଭିଯୋଗ କଲେ କି ସେଦିନ ସନ୍ଧ୍ୟା ୫ ଘଟିକାରେ ତାଙ୍କ ନିଜ ବାଡିରେ ସେ ଲଗାଇଥିବା ଚମ୍ପା, ଟଗର,ମନ୍ଦାର,ଅରଖ ଆଦି ଫୁଲଗଛ ଓ ବାକ୍ସ ଗଛ, ଛୋଟ ଛୋଟ ଆମ୍ବ, ସଜନା, ଅମୃତଭଣ୍ଡା, କମଳା, କଦଳୀ, ତୁଳସୀ, ବାରକୋଳି, ବେଲଗଛ ସବୁକୁ ଭୁଜାଲି, ଟାଙ୍ଗିଆ, କଟୁରୀ, କୋଦାଳ ଓ କାଙ୍କ ସାହାର୍ଯ୍ୟରେ ମୁଦାଲା ମାନେ ତାଙ୍କ ଘରଡିହ ଉପରେ ଥିବା ଗଛ ଗୁଡିକୁ ହାଣି ଦେଉଥିବାର ଦେଖି ତାଙ୍କ ସ୍ତ୍ରୀ ପ୍ରମିଳା ସାମଲ ସେମାନଙ୍କୁ ବାରଣ କରନ୍ତେ ଆସାମୀ ସୀତାନାଥ ତୋ ଘଇତାକୁ ଡାକେ ତୁ କ'ଣ ଆମକୁ ବାରଣ କରୁଛୁ କହି ସେ ଧରିଥିବା ଏକ ବେଂଟଲଗା କଟୁରୀରେ ତାଙ୍କ ମୁଣ୍ଡକୁ ଏକ ଶକ୍ତ ଚୋଟ ପକାଇଥିଲା। ସେ ତଳେ ପଡି ଛଟପଟ ହେଉଥିବା ବେଳେ ସାନପୁଅ ତ୍ରିନାଥ ସାମଲ ସେମାନଙ୍କ କବଳରୁ ମାଙ୍କୁ ରକ୍ଷାକରିବାକୁ ଯିବା ସମୟରେ ମୁଦାଲା ଶ୍ୟାମଶୁନ୍ଦର ତାର ମୁଣ୍ଡରେ ଏକ ଫାଉଡାରେ ଚୋଟ ପକାଇଲା, ଫଳରେ ତାର ମୁଣ୍ଡ ହାଣିହୋଇ ରକ୍ତସ୍ରାବ ହେଲା ସେ ତଳେ ପଡିଗଲା। ମା ଓ ସାନ ଭାଇ ତଳେ ପଡି ଛଟପଟ ହେଉଥିବା ବେଳେ ଆସାମୀ ମାନେ ସେମାନଙ୍କୁ ଗୋରୁ ଗାଈଙ୍କୁ ପିଟିଲା ଭଳି ଫାଉଡା ଓ କାଙ୍କରେ ବାଡାଉଥାନ୍ତି। ବଡପୁଅ ସ୍ୱରାଜ କିଶୋର ସାମଲ ପହଂଚି ଏହାକୁ ବିରୋଧ କରିବାରୁ ଆସାମୀ ବିକ୍ରମ ସାମଲ ଏକ ଫାର୍ସାରେ ତାର ମୂଣ୍ଡର ସାମନା ପଟରେ ଏକ ଚୋଟ ପକାଇଲା ଓ ତାର ମୁଣ୍ଡ ପଛପଟକୁ ପୁଣି ଏକ ପ୍ରହାର ଦେଲା ଫଳରେ ସେ ମଧ୍ୟ ତଳେପଡି ଛଟପଟ ହେଉଥିଲା କ୍ଷତ ସ୍ଥାନରୁ ପ୍ରବଳ ରକ୍ତସ୍ରାବ ହେଲା। ପ୍ରଥମେ ସେମାନଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ପଠାଗଲା। ଏ ନେଇ ରାମଚନ୍ଦ୍ର ସାମଲଙ୍କ ଲିଖିତ ଅଭିଯୋଗକୁ ଭିତିକରି ବଡଚଣା ଥାନା ଏକ ମାମଲା କେଶ ନଂ ୪୩/୨୦୧୪ ରୁଜୁ କରି ଥିଲା। ଏହି ମାମଲା ଯାହାର ସି.ଟି କେଶ ନଂ୪୦୩/୨୦୧୪ରେ ୧୨ ଜଣଙ୍କ ସାକ୍ଷ୍ୟପ୍ରମାଣ ଆଧାରରେ ବିଚାର କରି ଚଣ୍ଡିଖୋଲ କୋର୍ଟ ସହକାରୀ ଦୌରାଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଅଭିଯୁକ୍ତ ଶକ୍ତିଧର ସାମଲ, ରାଘବ ସାମଲ, ସତ୍ୟବ୍ରତ ସାମଲ, ଶ୍ୟାମଶୁନ୍ଦର ସାମଲ, ବିକ୍ରମ ସାମଲ ଓ ସୀତାନାଥ ସାମଲଙ୍କୁ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୩୨୩ରେ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଦେବରାଜ ବେହେରା ପରିଚାଳନା କରୁଥିଲେ।

# ଏକ ଫୌଜଦାରୀ ମାମଲାରେ ଆସାମୀଙ୍କୁ ଏକ ବର୍ଷ ଜେଲ ଦଣ୍ଡାଦେଶ

ଦର୍ପଣ, (ପି.ଏନ):ଏକ ଫୌଜଦାରୀ ମାମଲାର ବିଚାରକରି ଆଜି ଚଣ୍ଡିଖୋଲ ସହକାରୀ ଦୌରାଜଜ୍ ଆସାମୀ ମାନଙ୍କୁ ଏକ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ମୁତାବକ ୨୦୧୪ ମସିହା ମାର୍ଚ୍ଚ ମାସ ୬ ତାରିଖରେ ବଡଚଣା ଥାନା ବିଦ୍ୟାଧରପୁର ଗ୍ରାମର ରାମଚନ୍ଦ୍ର ସାମଲଙ୍କ ଲିଖିତ ଅଭିଯୋଗ କଲେ କି ସେଦିନ ସନ୍ଧ୍ୟା ୫ ଘଟିକାରେ ତାଙ୍କ ନିଜ ବାଡିରେ ସେ ଲଗାଇଥିବା ଚମ୍ପା, ଟଗର,ମନ୍ଦାର,ଅରଖ ଆଦି ଫୁଲଗଛ ଓ ବାକ୍ସ ଗଛ, ଛୋଟ ଛୋଟ ଆମ୍ବ, ସଜନା, ଅମୃତଭଣ୍ଡା, କମଳା, କଦଳୀ, ତୁଳସୀ, ବାରକୋଳି, ବେଲଗଛ ସବୁକୁ ଭୁଜାଲି, ଟାଙ୍ଗିଆ, କଟୁରୀ, କୋଦାଳ ଓ କାଙ୍କ ସାହାର୍ଯ୍ୟରେ ମୁଦାଲା ମାନେ ତାଙ୍କ ଘରଡିହ ଉପରେ ଥିବା ଗଛ ଗୁଡିକୁ ହାଣି ଦେଉଥିବାର ଦେଖି ତାଙ୍କ ସ୍ତ୍ରୀ ପ୍ରମିଳା ସାମଲ ସେମାନଙ୍କୁ ବାରଣ କରନ୍ତେ ଆସାମୀ ସୀତାନାଥ ତୋ ଘଇତାକୁ ଡାକେ ତୁ କ'ଣ ଆମକୁ ବାରଣ କରୁଛୁ କହି ସେ ଧରିଥିବା ଏକ ବେଂଟଲଗା କଟୁରୀରେ ତାଙ୍କ ମୁଣ୍ଡକୁ ଏକ ଶକ୍ତ ଚୋଟ ପକାଇଥିଲା। ସେ ତଳେ ପଡି ଛଟପଟ ହେଉଥିବା ବେଳେ ସାନପୁଅ ତ୍ରିନାଥ ସାମଲ ସେମାନଙ୍କ କବଳରୁ ମାଙ୍କୁ ରକ୍ଷାକରିବାକୁ ଯିବା ସମୟରେ ମୁଦାଲା ଶ୍ୟାମଶୁନ୍ଦର ତାର ମୁଣ୍ଡରେ ଏକ ଫାଉଡାରେ ଚୋଟ ପକାଇଲା, ଫଳରେ ତାର ମୁଣ୍ଡ ହାଣିହୋଇ ରକ୍ତସ୍ରାବ ହେଲା ସେ ତଳେ ପଡିଗଲା।

# ଆମାଜନ ପକ୍ଷରୁ ଗିଫ୍ଟ ଏ ବୁକ କ୍ୟାମ୍ପେନର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଚଳିତ ବିଶ୍ୱ ପୁସ୍ତକ ଦିବସ ଅବସରରେ ଆମାଜନ.ଇନ ଏହାର ବର୍ଷବ୍ୟାପୀ ହାସଟ୍ୟାଗ ଗିଫ୍ଟ ଏ ବୁକ କ୍ୟାମ୍ପେନ ସମ୍ପର୍କରେ ଘୋଷଣା କରିଛି। ଏହାର ଲକ୍ଷ୍ୟ ହେଉଛି ସାରା ଭାରତରେ ପଢ଼ିବାର ସଂସ୍କୃତି ତଥା ପୁସ୍ତକ ଉପହାର ଦେବାର ସଂସ୍କୃତି ବ୍ୟାପକ କରିବା। ଏଥିରେ ଗ୍ରାହକମାନେ ବିଭିନ୍ନ ବର୍ଗରେ ପୁସ୍ତକ ପାଇପାରିବେ ଓ ଏଠାରେ ସବୁ ବୟସ ବର୍ଗଙ୍କ ପାଇଁ ଆକର୍ଷଣୀୟ ଅଫର ସହିତ ବହି ଉପଲବ୍ଧ ରହିଛି। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଷ୍ଟୋରଫ୍ରଂଟରେ ବହିଗୁଡ଼ିକରେ ଆକର୍ଷଣୀୟ ଡିଲ ସୁବିଧା ରହିଛି। ଏହି ଅଭିଯାନକୁ ଶୁଭାରମ୍ଭ କରିବା ପାଇଁ ଚଳିତବର୍ଷର ପ୍ରାରମ୍ଭରେ ଏକ ଡିଜିଟାଲ ଭିଡିଓର ଶୁଭାରମ୍ଭ କରାଯାଇଛି ଯେଉଁଥିରେ ଜଣେ ଝିଅର ଯାତ୍ରାକୁ ପ୍ରଦର୍ଶିତ କରାଯାଇଛି। ଏହି ଭିଡିଓ ଉଲ୍ଲେଖ କରିଛି ଯେ ବହି ହେଉଛି ଏପରି ଏକ ଉପହାର ଯାହା କଦାପି ଆଉଟ ଅଫ ଫ୍ୟାସନ ହୋଇନଥାଏ। ଏହି ଅବସରରେ ଗ୍ରାହକମାନେ ଇବୁକ୍, ଅଡିଓ ବୁକ ଓ ଫିଜିକାଲ ବହିକୁ ମଧ୍ୟ ବିଭିନ୍ନ ଭାରତୀୟ ଭାଷାରେ ପାଇପାରିବେ। ଏହି ଭାଷାଗୁଡ଼ିକ ମଧ୍ୟରେ ରହିଛି ହିନ୍ଦୀ, ତାମିଲ, ମାଲାୟଲମ, ଗୁଜୁରାଟୀ ଓ ଆହୁରି ଅନେକ କିଛି ଯାହା ଆମାଜନରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଷ୍ଟୋରଫ୍ରଂଟରେ ଚଳିତ ଏପ୍ରିଲ ୧୬ ରୁ ୨୫ ତାରିଖ ମଧ୍ୟରେ ଉପଲବ୍ଧ ରହିଛି। ଏହି କ୍ୟାମ୍ପେନ ସମ୍ପର୍କରେ ଆମାଜନ ଇଣ୍ଡିଆର ମିଡିଆ ଡାଇରେକ୍ଟର ରାଜଶ୍ରୀ ଗୁଇଁ କହିଛନ୍ତି ଯେ, ନଆମେ ପୁସ୍ତକପ୍ରେମୀମାଙ୍କର ଏକ ଦେଶ ନିର୍ମାଣ କରିବା ଦିଗରେ ପ୍ରତିବଦ୍ଧ ରହିଛୁ। ଆମାଜନରେ ଆମେ ପୁସ୍ତକକୁ ନେଇ ଉତ୍ସାହିତ ଏବଂ ଭାରତର ଅଧିକ ଲୋକ ବହିପଢ଼ିବା ନେଇ ଥିବା ଆମର ଲକ୍ଷ୍ୟକୁ ଜୀବନ୍ତ କରିବା ଲାଗି ଆମେ ସେଲର, ପବ୍ଲିସର ଏବଂ ଅଥରମାନଙ୍କ ସହିତ ମିଶି କାର୍ଯ୍ୟ କରୁଛୁ। ଆମର ଅଭିଯାନ ହାସଟ୍ୟାଗ ଗିଫ୍ଟ ଏ ବୁକ ହେଉଛି ପଢ଼ିବା ପ୍ରତି ଭଲପାଇବାକୁ ବିସ୍ତାର କରିବା ଦିଗରେ ଆମର ଏକ ଛୋଟ ପଦକ୍ଷେପ ।ନ୍ତ ସେହିଭଳି ପୁରସ୍କାରପ୍ରାପ୍ତ ଲେଖିକା ସୁଧା ମୂର୍ତ୍ତି କହିଛନ୍ତି ଯେ, ନଯଦି ଆପଣ ବହି କିଣୁଛନ୍ତି, ତେବେ ଆପଣ ଅନ୍ୟ ଅର୍ଥରେ କହିବାକୁ ଗଲେ ଜ୍ଞାନ କିଣୁଛନ୍ତି। ଏହା ନିଶ୍ଚିତ ଭାବରେ ଏକ ଆକର୍ଷଣୀୟ ଉପହାର। ଯଦି ଆପଣ ଚାହାଁନ୍ତି ଯେ ଆପଣଙ୍କର ପିଲାମାନେ ସଠିକ ଭାବରେ ନିଜର ସମୟ ଉପଭୋଗ କରନ୍ତୁ ତେବେ ସେମାନଙ୍କର ମଧ୍ୟରେ ପଢ଼ିବାର ଅଭ୍ୟାସ ବୃଦ୍ଧି ହେବା ଉଚିତ ଓ ପଢ଼ିବା ପାଇଁ ଆପଣଙ୍କ ନିକଟରେ ବହି ରହିଥିବା ଆବଶ୍ୟକ। ମୁଁ ବିଶ୍ୱାସ କରେ ଯେ ଯାହାଙ୍କର ପାଖରେ ବହି ରହିଛି ସେମାନେ ହେଉଛନ୍ତି ପ୍ରକୃତରେ ଧନବାନ କାରଣ ତାଙ୍କ ପାଖରେ ଜ୍ଞାନର ସମ୍ପଦ ରହିଛି। ଦୟାକରି ବହି ପଢ଼ନ୍ତୁ ଓ ବହି କିଣନ୍ତୁ।

2023-2024
ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

Bhubaneswar Saturday April 22, 2023 ଭୁବନେଶ୍ୱର ଶନିବାର, ଅପ୍ରେଲ ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଇଫକୋ ଲୋକ ସମ୍ପର୍କ ଅଧିକାରୀଙ୍କ ମାତୃ ବିୟୋଗ



ପାରାଦୀପ,(ପି.ଏନ); ପାରାଦୀପସ୍ଥିତ ଇଫକୋ ପାରାଦୀପ ୟୁନିଟ୍‌ର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ମାତା ପ୍ରମିଳା ବେଉରାଙ୍କର ଶୁକ୍ରବାର ଦିନ ଦେହାନ୍ତ ହୋଇଯାଇଛି । ସେ ଜଣେ ପରୋପକାରୀ,ମିଷ୍ଟଭାସୀ ଓ ଧର୍ମ ପରାୟଣା ମହିଳା ଥିଲେ । କଟକସ୍ଥିତ ତାଙ୍କ ବାସଭବନରେ ମୃତ୍ୟୁଶଯ୍ୟା ନିକଟରେ ଶ୍ରୀମତି ବେଉରାଙ୍କ ପୁତ୍ର ପ୍ରମୋଦ,ପ୍ରଫୁଲ, ପ୍ରସନ୍ନ, ପ୍ରତାପ,ପ୍ରବୀଣ, ବୋହୁ ଅନ୍ନପୂର୍ଣ୍ଣା,ଗୀତାଂଜଳି, ରୀନା, ପୁଷ୍ପାଂଜଳୀ, ସସ୍ମିତା,ନାତି ଓ ନାତୁଣୀ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ଆର୍ନ୍ତଜାତୀୟ ଚାରଣ ଗୋଷ୍ଠି ସମ୍ପାଦକ ଡ.ଶୁଭେନ୍ଦୁ ଶେଖର ସ୍ୱାଇଁ, ରାଷ୍ଟ୍ରୀୟ ସମ୍ପାଦକ ଲିଙ୍ଗରାଜ ପତି, ସୁଶାନ୍ତ କୁମାର ଦାସ, ତରଣୀସେନ ଲେଙ୍କା,ଆଡଭୋକେଟ ଶିଶିର ଦାସ,ଚିତ୍ତ ରଂଜନ ମହାନ୍ତି,କଟକର କର୍ପୋରେଟର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା କୁସୁନପୁର ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ହୋଇଥିଲା ।

## ଡେଲି ମାର୍କେଟ ଅଗ୍ନିକାଣ୍ଡ ଘଟଣା : ବିପନ୍ନଙ୍କୁ ସହାୟତା କଲେ ଜଗତ ଜନନୀ ସେବା ଟ୍ରଷ୍ଟ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଡେଲି ମାର୍କେଟରେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ୭୧ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କୁ ଜଗତ ଜନନୀ ସେବା ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ଆଜି ପ୍ରଦାନ କରାଯାଇଛି । ଏହି ଅଗ୍ନିକାଣ୍ଡରେ ଦୋକାନୀମାନେ ସେମାନଙ୍କର ସର୍ବସ୍ୱ ହରାଇ କେସାହାରା ହୋଇପଡିଛନ୍ତି । ଫଳରେ ସେମାନଙ୍କ ପକ୍ଷେ ଘର ଚଳାଇବା କଷ୍ଟକର ହୋଇପଡିଛି । ଡେଲି ମାର୍କେଟରେ ଛୋଟ ଛୋଟ ଦୋକାନୀମାନେ ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିବା ବେଳେ ଗତ ୩ ତାରିଖ ବିଦ୍ୟୁତ ସଟସର୍କିଟ ଯୋଗୁଁ ନିଆଁ ଲାଗି ୭୧ଜଣ କ୍ଷୁଦ୍ର ବ୍ୟବସାୟୀ ସର୍ବସ୍ୱାନ୍ତ ହୋଇ ପଡିଥିବାବେଳେ ଜଗତ ଜନନୀ ସେବା ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସିବ ବେହେରା ଏବଂ ପରେଶ ବାହାଦୂର ସିଂ ସେମାନଙ୍କ ସହ ଆଲୋଚନା କରି ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ତଦନୁସାରେ କ୍ଷତିଗ୍ରସ୍ତଙ୍କୁ ଟ୍ରଷ୍ଟ ପକ୍ଷରୁ ବଡହଳ ସ୍ଥିତ କାର୍ଯ୍ୟାଳୟରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ଡେଲି ମାର୍କେଟରେ ଅଗ୍ନିକାଣ୍ଡ ଯୋଗୁଁ ୨କୋଟିରୁ ଅଧିକ ଟଙ୍କାର ସଂପତ୍ତି ପୋଡି ପାଉଁଶ ହୋଇଯାଇଥିଲା । ସେହିଦିନ ଠାରୁ କ୍ଷତିଗ୍ରସ୍ତ ବ୍ୟବସାୟୀ ରୋଜଗାର ହରାଇବା ପରେ ସହାୟତାକୁ ଅପେକ୍ଷା କରିଥିଲେ । ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇ ପଡିଥିବା ଦୋକାନୀମାନେ ଟ୍ରଷ୍ଟର ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଷଣ୍ଢିଆଗୋଠ ବିଦ୍ୟାଳୟରେ ଅଭିଭାବକ ଏବଂ ଶିକ୍ଷକଙ୍କ ବୈଠକ

ଆନନ୍ଦପୁର,(ପି.ଏନ):ଧକୋଠା କ୍ଲଷ୍ଟର ଅଧିନସ୍ଥ ଷଣ୍ଢିଆଗୋଠ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ଧ୍ୟାରାଣୀ ନାଇକଙ୍କ ତତ୍ତ୍ୱାବଧାନରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ମୁଖ୍ୟତଃ ଶିକ୍ଷାରମାନ ବୃଦ୍ଧି ପାଇଁ ସରକାରଙ୍କ ଅଭିନବ ପ୍ରାୟସ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟ ପୁସ୍ତକ ଯୋଗାଣ, ପ୍ରବେଶ ଉତ୍ସବ ଓ ପୂର୍ଣ୍ଣ ଉପସ୍ଥାପନ ଦିବସ ପାଳନ, ଶିକ୍ଷା ସଚେତନତା ରଥ ପରିକ୍ରମା, ଅଂଶୁଘାତ ପ୍ରତି ସାବଧାନତା, ଅଭିଭାବକ ମାନଙ୍କ ପାଇଁ ସାଇବର ସଚେତନତା ଇତ୍ୟାଦି ବିଷୟରେ ବିଦ୍ୟାଳୟର ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ ବୁଝାଇ ଥିଲେ । ଏଥିରେ ବିଦ୍ୟାଳୟର ଏସ୍‌ଏମ୍‌ସି ଚେୟାର ପରସନ୍ ଶୁକଦେବ ମୁଣ୍ଡା, ଏଡବ୍ଲୁସି ଟୁଙ୍ଗୁରୀ ମୁଣ୍ଡାଙ୍କ ସମେତ ମୁ ମୁଣ୍ଡା, ଘନଶ୍ୟାମ, ଜଳ ମୁଣ୍ଡା, ଚାନ୍ଦୁ ମହାକୁଡ ପ୍ରମୁଖ ୫୦ ଜଣରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ ।

# ଜନ୍ମଦିନରେ ମହାଯାତ୍ରା ଗାଡି ଯୋଗାଇ ଦେବାକୁ ଘୋଷଣା

କେନ୍ଦୁଝର,(ପି.ଏନ): ନିଜ ଜନ୍ମଦିନରେ ମୃତବ୍ୟକ୍ତିଙ୍କ ପରିବହନ ପାଇଁ ଏକ ମହାଯାତ୍ରା ଗାଡି ଯୋଗାଇଦେବାକୁ ଘୋଷଣା କରିଛନ୍ତି ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର । କେନ୍ଦୁଝରଗଡ ପୌରପାଳିକାର ୭ନମ୍ବର ୱାର୍ଡରେ ଗତ ଗୁରୁବାର ଦିନ ଆୟୋଜିତ ଏକ ସଂକ୍ଷିପ୍ତ ଉତ୍ସବରେ ଏହି ଜନ୍ମଦିନ ପାଳନ ପରିପ୍ରେକ୍ଷୀରେ ଏହି ଅଂଚଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ହୋଇଥିବାରୁ ଅନେକ ମୃତବ୍ୟକ୍ତିଙ୍କୁ ତାଙ୍କ ଆତ୍ମୀୟସ୍ୱଜନ ଘରକୁ ନେବା ପାଇଁ ଗାଡି ବା ମହାପ୍ରୟାଣ ଯାନର ଅସୁବିଧାକୁ ନେଇ ସମସ୍ୟାରେ ରହୁଥିଲେ,ଏହାକୁ ସମାଧାନ କରିବା ପାଇଁ ଏକ ମହାପ୍ରୟାଣ ଗାଡି ଯୋଗାଇଦେବା ପାଇଁ ଶ୍ରୀ ଚକ୍ର ଘୋଷଣା କରିଛନ୍ତି । ବରିଷ୍ଠ ସାମ୍ବାଦିକ ତଥା ଗ୍ରାମଶ୍ରୀ ଠାକୁରାଣୀ କମିଟିର ସଭାପତି ଦୀପକ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସାମନ୍ତରାୟପୁର ଶାସନର ବୟୋଜ୍ୟେଷ୍ଠ ନାଗରିକ ତଥା ମୋହିନୀ ମୋହନ ମିଶ୍ର ତାଙ୍କୁ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ପ୍ରଦାନ କରିଥିଲେ । ସ୍ଥାନୀୟ କାଉନସିଲର ଅବିନାଶ ମିଶ୍ର ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବାବେଳେ ଏହି ଅବସରରେ କେକ୍ କଟାଯାଇଥିଲା । ବରିଷ୍ଠ ନାଗରିକ ନିତ୍ୟାନନ୍ଦ ଦାଶ, ଜିଲ୍ଲା ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୁୟାଁ,ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଗୁରୁଚରଣ ନାଏକ,ଅୟସକାନ୍ତ ପଟ୍ଟନାୟକ, ଶଶୀକାନ୍ତ ଦାସ, ଦୂର୍ଯ୍ୟୋଧନ ନାଏକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ପଣ୍ଡା,ନରେଶ ପଟ୍ଟନାୟକ,ପ୍ରଦୀପ ମହାନ୍ତି,ଦେବାଶିଷ ମିଶ୍ର,ଚମ୍ପୁଆ ବସ ମାଲିକ ସଂଘର ପୂର୍ବତନ ସମ୍ପାଦକ ଉତ୍ତମ କୁମାର କର,ପୂର୍ବତନ କାଉନସିଲର ସଦାନନ୍ଦ ବେଜ,ପ୍ରମୋଦ ନାଏକ,ଅଜୟ କୁମାର ମିଶ୍ର,ରବିନ୍ଦ୍ର ନାଏକ,ପୂର୍ବତନ କାଉନସିଲର ଭୁବନ ନାଏକ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଅଂଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ ।

# କୁଶଳେଶ୍ୱର ମହାବିଦ୍ୟାଳୟକୁ ରାଜ୍ୟ ପୁରସ୍କାର

ଆନନ୍ଦପୁର,(ପି.ଏନ):ରେକୁଟିଆ ସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରୋଭର ରେର ସ୍ୱେଚ୍ଛାସେବୀଙ୍କୁ ମହାମହିମ ରାଜ୍ୟପାଳ ପୁରସ୍କୃତ କରିଛନନ୍ତି । ରାଜଭବନର ଅଭିଷେକ ହଲ୍‌ରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ସ୍କାଉଟ୍ ଓ ଗାଇଡ୍‌ର ପୃଷ୍ଠପୋଷକ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୋଗ ଦେଇ ମହାବିଦ୍ୟାଳୟର ରୋଭର ପ୍ରତିନିଧି ପ୍ରତାପ କୁମାର ରାଉତ ଓ ରେର ପ୍ରତିନିଧି ମିତାଳି ଖଟୁଆଙ୍କୁ ପୁରସ୍କୃତ କରିଥିଲେ । ମହାବିଦ୍ୟାଳୟର ୧୮ ଜଣ ରୋଭର, ରେର ଏହି ରାଜ୍ୟ ପୁରସ୍କାର ହାସଲ କରିଥିଲେ । ଗୋଭର ସ୍କାଉଟ ଲିଡର ଅଧ୍ୟାପକ ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ବର୍ଷ ତମାମ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ ସହ ସଚେତନତା କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏହି ସଫଳତା ଅର୍ଜନ କରିଛନ୍ତି ।

# ଢେଙ୍କିକୋଟରେ ଜଳକଷ୍ଟ, ପିଇବା ପାଣି ଟୋପାଏ ପାଇଁ ହାହାକାର

ଢେଙ୍କିକୋଟ,(ପି.ଏନ):ବ୍ୟସ୍ତ ବହୁଳ ଢେଙ୍କିକୋଟ ବଜାର ବେପାର ବଣିଜ ପାଇଁ ତଥା ଗମନା ଗମନ ଦୃଷ୍ଟିରୁ କେନ୍ଦୁଝର ଜିଲ୍ଲାର ଏହା ଏକ ପରିଚିତ ମାର୍କେଟ । ଏହି ମାର୍କେଟ ୨୦ନଂ ରାଜପଥ ଓ ୨୨୦ ନଂ ଜାତୀୟ ରାଜପଥକୁ ସଂଯୋଗ କରିଛି । ଅତି ଦୁଃଖର ବିଷୟ ଆଜି ଢେଙ୍କିକୋଟବାସୀ ଜଳ କଷ୍ଟ ଭୋଗ କରୁଛନ୍ତି । ଗ୍ରୀଷ୍ମ ପ୍ରବାହ ସହିତ ଝାଂ ଖରା, ଗୁଳୁଗୁଳିରେ ଜୀବନ ଦୁର୍ବିଷହ ହୋଇପଡିଛି । କୂଅ, ପୋଖରୀ ସବୁ ସୁଖି ଯାଇଛି । ଢେଙ୍କିକୋଟବାସୀ ଯେଉଁ ସପ୍ଲାଇ ପିଇବା ପାଣି ସକାଳେ ଘଣ୍ଟାଏ, ସନ୍ଧ୍ୟା ବେଳେ ଘଣ୍ଟାଏ ପାଉଥିଲେ ତାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ । କିଏ ପାଉଥିଲା ତ କିଏ ନାହିଁ । ଏପରି ଅବ୍ୟବସ୍ଥା ଯୋଗୁଁ ଆଜି ଢେଙ୍କିକୋଟର ମହିଳାମାନେ ଜଳ ଯୋଗାଣ ପମ୍ପ ହାଉସରେ ତାଲା ପକାଇ ଦେଇଛନ୍ତି । ଏ ସଂକ୍ରାନ୍ତରେ ପିଇଓଙ୍କୁ ପଚାରିବାରୁ ସେ କହିଥିଲେ ଯେ ମହିଳାମାନେ ତାଲା ପକାଇଛନ୍ତି । କିନ୍ତୁ ଏ ସଂକ୍ରାନ୍ତରେ ଆମକୁ ଆଗରୁ ଲିଖିତ ଆକାରରେ ଜଣାଇଥିଲେ ଭଲ ହୋଇଥାନ୍ତା । ତେବେ ସମସ୍ୟାର ସମାଧାନ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି । ଏଠାରେ ସୁଚନାଯୋଗ୍ୟ ଯେ ଢେଙ୍କିକୋଟରେ ଦୁଇଟି ଓଭର ହେଡ୍ ପାଣି ଟାଙ୍କି ଥିଲେ ବି ଜଳକଷ୍ଟର ସମାଧାନ ହୋଇପାରୁ ନାହିଁ । ତେଣୁ ଢେଙ୍କିକୋଟବାସୀଙ୍କ ମନରେ ଅସନ୍ତୋଷ ବଢି ଚାଲିଛି । ଯେଉଁଠି ଟିକେ ଅଧେ ପାଣି ଆସୁଛି ସେହି ପାଣି ପୋଷ୍ଟ ନିକଟରେ କଳି ଝଗଡା ଏପରିକି ମାରପିଟ ମଧ୍ୟ ହେଉଥିବା ଦେଖିବାକୁ ମିଳିଛି । ବର୍ଷ ବର୍ଷ ଧରି ଢେଙ୍କିକୋଟବାସୀ ଜଳକଷ୍ଟ ପାଉଛନ୍ତି । ଟୋପାଏ ପାଣି ପିଇବାକୁ ମିଳୁନାହିଁ । ସମସ୍ତେ ତ୍ରାହି ତ୍ରାହି ଡାକ ପକାଉଛନ୍ତି । କେବେ ହେବ ଜଳକଷ୍ଟର ସମାଧାନ ଲୋକେ ଚାହିଁ ବସିଛନ୍ତି । ଜଳ ଯୋଗାଣ ଅଧିକାରୀ ଓ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଫ୍ଲିପ୍‌କାର୍ଟ ପକ୍ଷରୁ 'ସୁପର୍ କୁଲିଙ୍ଗ୍ ଡେଜ୍'ର ଘୋଷଣା

ଭୁବନେଶ୍ୱର: ଫ୍ଲିପ୍‌କାର୍ଟ ଆସନ୍ତା ଏପ୍ରିଲ ୨୧ରୁ ୨୬ ତାରିଖ ୨୦୨୩ ମଧ୍ୟରେ ଏହାର ଫ୍ଲାଗସିପ୍ ଇଭେଂଟ୍ 'ସୁପର୍ କୁଲିଙ୍ଗ୍ ଡେଜ୍'ର ଶୁଭାରମ୍ଭର ଘୋଷଣା କରିଛି । ଏହି ସମୟରେ ଗ୍ରାହକମାନେ ଏନର୍ଜି-ଏଫିସିଏଂଟ୍ ଏସି, ଏୟାର କୁଲର୍, ବିଏଲ୍‌ଡିସି ମୋଟର (ବ୍ରଶ୍‌ଲେସ୍ ଡାଇରେକ୍ଟ କରେଂଟ୍ ମୋଟର୍) ସହ ସୁସଜ୍ଜିତ ସ୍ମାର୍ଟ ଫ୍ୟାନ୍ ଓ ରେଫ୍ରିଜରେଟର୍ ଭଳି ଏକ ବିସ୍ତୃତ ଶୃଙ୍ଖଳାର ବିକଳ୍ପ ମଧ୍ୟରୁ ଚୟନ କରିବାକୁ ସକ୍ଷମ ହେବେ । 'ସୁପର କୁଲିଙ୍ଗ୍ ଡେଜ୍' ସମୟରେ ସେଲରଙ୍କ ଦ୍ୱାରା କୁଲିଙ୍ଗ୍ ଆପ୍ଲାଏନ୍ସଗୁଡିକ ଉପରେ ବିଭିନ୍ନ ଆକର୍ଷଣୀୟ ଡିଲ୍ ପ୍ରଦାନ କରାଯିବ ଏବଂ ଗ୍ରାହକମାନେ ଏକ୍ସଚେ ବୋନସ୍, ମାଗଣା ଅନ୍‌ଇନ୍‌ଷ୍ଟଲେଶନ ସମେତ ଏୟାର କଣ୍ଡିସ୍‌ନର, ରେଫ୍ରିଜରେଟର , ଏୟାର କୁଲର୍ ଓ ଫ୍ୟାନ୍ ଉପରେ ବ୍ୟାଙ୍କ ଓ ପ୍ରିପେଡ୍ ଅଫର୍ ଆଦି ପାଇବାକୁ ସକ୍ଷମ ହେବେ । ଫ୍ଲିପ୍‌କାର୍ଟର ସଦ୍ୟତମ ତଥ୍ୟ ଦର୍ଶାଉଛି ଯେ, କୁଲିଙ୍ଗ ଆପ୍ଲାଏନ୍ସଗୁଡିକ ପାଇଁ ଚାହିଦାରେ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ମୁଖ୍ୟ ରୂପେ ଟିୟର ୨+ ସହରଗୁଡିକ ଦ୍ୱାରା ପରିଚାଳିତ ହେଉଛି ଏବଂ ଏୟାର କଣ୍ଡିସ୍‌ନର ଓ ରେଫ୍ରିଜରେଟର୍‌ଗୁଡିକରେ ୧.୩ ଗୁଣ ଓ ୧.୪ ଗୁଣର ବାର୍ଷିକ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଅନ୍ୟ ବର୍ଗ ମଧ୍ୟରେ ଏୟାର କୁଲର୍ ୨ଗୁଣ ଓ ଫ୍ୟାନ୍ ୧.୪ ଗୁଣ ବାର୍ଷିକ ଅଭିବୃଦ୍ଧି ରେକର୍ଡ କରିଛନ୍ତି ।ସର୍ବାଧିକ ବିକ୍ରି ହେଉଥିବା ଏୟାର କଣ୍ଡିସ୍‌ନର ବ୍ରାଣ୍ଡଗୁଡିକ ମଧ୍ୟରେ ବ୍ଲୁଷ୍ଟାର, ଏଲ୍‌ଜି, ସାମ୍‌ସଙ୍ଗ, ଲୟଡ୍, ଡାଇକିନ୍ ଓ ଭୋଲ୍‌ଟାସ୍ ଆଦି ସାମିଲ ରହିଥିବା ବେଳେ ସର୍ବାଧିକ ବିକ୍ରି ହେଉଥିବା ରେଫ୍ରିଜରେଟର ବ୍ରାଣ୍ଡଗୁଡିକ ହେଉଛି ସାମ୍‌ସଙ୍ଗ, ଏଲ୍‌ଜି, ହ୍ୱିର୍ଲପୁଲ୍, ହାୟର ଓ ଗୋଦ୍‌ରେଜ । ଗ୍ରାହକଙ୍କ ପସନ୍ଦର ଶୀର୍ଷ ଏୟାର କୁଲର୍ ବ୍ରାଣ୍ଡଗୁଡିକ ହେଉଛି ସିଫୋନି, ହିଣ୍ଡୱେୟାର ଓ କ୍ରମ୍ପଟନ ଏବଂ କିଛି ଅଗ୍ରଣୀ ଫ୍ୟାନ୍ ବ୍ରାଣ୍ଡ ମଧ୍ୟରେ ଆଟମ୍‌ବର୍ଗ, କ୍ରମ୍ପଟନ୍, ଓରିଏଂଟ୍ ଇଲେକ୍‌ଟ୍ରିକ୍, ହାଭେଲ୍‌ସ ଓ ବଜାଜ ସାମିଲ ରହିଛି । ଏଲ୍‌ଜି ୬-ଇନ୍-୧ କନ୍‌ଭର୍ଟିବୁଲ ଇନ୍‌ଭର୍ଟର ଏସି ଓ ଭୋଲ୍‌ଟାସ୍ ସ୍ପ୍ଲିଟ୍ ଇନ୍‌ଭର୍ଟର ଏୟାର କଣ୍ଡିସ୍‌ନର, ସାମ୍‌ସଙ୍ଗ ଡବଲ୍ ଡୋର୍, ଏଲ୍‌ଜି ଓ ହ୍ୱିର୍ଲପୁଲ ରେଫ୍ରିଜରେଟର୍ ଆଦି ବ୍ରାଣ୍ଡ୍‌ଗୁଡିକ ଏୟାର କଣ୍ଡିସ୍‌ନର ଓ ରେଫ୍ରିଜରେଟର୍ ବର୍ଗରେ ସବୁଠାରୁ ଲୋକପ୍ରିୟ ଓ ସର୍ବାଧିକ ସନ୍ଧାନ କରାଯାଉଥିବା ଉତ୍ପାଦ ଅଟେ । ହିଣ୍ଡୱେୟାର ୮୫ଏଲ୍ ଡେଜର୍ଟ କୁଲର୍, ହାଭେଲ୍‌ସ ଆର୍ଟେମିସ୍ ବିଏଲ୍‌ଡିସି ଫ୍ୟାନ୍ ଓ ଆଟମ୍‌ବର୍ଗ ଆମେଜା ବିଏଲ୍‌ଡିସି ଫ୍ୟାନ୍‌ଗୁଡିକ ଏୟାର କୁଲର୍ ଓ ଫ୍ୟାନ୍ ବର୍ଗରେ ସବୁଠାରୁ ଲୋକପ୍ରିୟ ଓ ସର୍ବାଧିକ ସନ୍ଧାନ କରାଯାଇଥିବା ଉତ୍ପାଦ ଅଟେ । ଆଟମ୍‌ବର୍ଗ, ଭୋଲ୍‌ଟାସ୍ ବେକୋ, ଲୟଡ୍, ଫ୍ଲିପ୍‌କାର୍ଟର ବ୍ରାଣ୍ଡ ମାର୍‌କ୍ୟୁ ଓ କ୍ୟାଣ୍ଡି ଭଳି ଉଦୀୟମାନ ବ୍ରାଣ୍ଡଗୁଡିକ କୁଲିଙ୍ଗ ଆପ୍ଲାଏନ୍ସ ବର୍ଗରେ ନିଜର ଉତ୍ପାଦ ଅଫରିଙ୍ଗ୍‌ଗୁଡିକୁ ବିକଶିତ କରିଛନ୍ତି । ଏସି, ରେଫ୍ରିଜରେଟର, ଏୟାର କୁଲର୍ ଓ ଫ୍ୟାନ୍ ଭଳି ଉତ୍ପାଦ ଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ, ପାଟ୍‌ନା, ଲକ୍ଷ୍ନୌ, ବେଙ୍ଗାଲୁରୁ ଓ କୋଲ୍‌କାତା ଭଳି ବିଭିନ୍ନ ସହରରେ ଲୋକପ୍ରିୟ ରହିଛି । ଫ୍ୟାନ୍ କ୍ୟାଟାଗୋରୀ ନିକଟ ଭବିଷ୍ୟତରେ ସର୍ବାଧିକ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଉଛି ।

# ଜି୨୦ ଡିଜିଟାଲ ଇକୋନୋମି ୱାର୍କିଂ ଗ୍ରୁପ୍ ବୈଠକ ଉଦ୍‌ଯାପିତ



ଭୁବନେଶ୍ୱର,(ପି.ଏନ): ହାଇଦ୍ରାବାଦଠାରେ ଅନୁଷ୍ଠିତ ହୋଇଥିବା ଜି୨୦ର ଡିଜିଟାଲ ଇକୋନୋମି ୱାର୍କିଂ ଗ୍ରୁପ୍ ବୈଠକ ଉଦ୍‌ଯାପିତ ହୋଇଯାଇଛି । ଏହି ବୈଠକରେ ଜି୨୦ ସଦସ୍ୟ ରାଜ୍ୟ, ନିମନ୍ତ୍ରିତ ଦେଶ ଏବଂ ଆନ୍ତର୍ଜାତୀୟ ସଂଗଠନରୁ ମୋଟ ୧୪୦ ଜଣ ସଦସ୍ୟ ଯୋଗ ଦେଇଥିଲେ । ଜି୨୦ ପ୍ରତିନିଧି ମାନେ ଆଇଆଇଟି ହାଇଦ୍ରାବାଦ ଗସ୍ତ ସମୟରେ ମେଡ୍ ଇନ୍ ଇଣ୍ଡିଆ ୫ଜି ବେସ୍ ଷ୍ଟେସନ୍ ଏବଂ ଏନ୍‌ବି-ଆଇଓଟି ଚିପ୍ସ ବିଷୟରେ ମଧ୍ୟ ଜାଣିଥିଲେ । ହାଇସ୍ପିଡ୍ ମୋବାଇଲ୍ ବ୍ରଡବ୍ୟାଣ୍ଡ , ହାଇ ସ୍ପିଡ୍ କନେକ୍ଟିଭିଟି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୃଷି ପରି କ୍ଷେତ୍ରରେ ଜଡିତ ଡିଜିଟାଲ ସେବା ଉପରେ ଏହାର ପ୍ୟାନେଲ୍ ଆଲୋଚନା କରାଯାଇଥିଲା । ଏହି ତିନିଦିବସୀୟ ବୈଠକ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକଚର୍, ସାଇବର ସିକ୍ୟୁରିଟି ଆଣ୍ଡ ସ୍କିଲ୍ ଉପରେ ବିଶେଷ ଭାବେ ଧ୍ୟାନ ଦିଆଯାଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No.
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
EDITOR : Dr. Pabitra Mohan Samantaray